କଟକ
ଗୁରୁବାର ୫ ନଭେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

November 5, 2026 Cuttack
Vol - XXIV, Issue - 214
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ହଷ୍ଟେଲ ଖାଦ୍ୟରେ ବେଙ୍ଗ !

ଭୁବନେଶ୍ୱର,୪।୧୧(ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଜଣ୍ଡିସ ବ୍ୟାପିଥିବା ବେଳେ ଏବେ ମହିଳା ହଷ୍ଟେଲ ଖାଦ୍ୟରୁ ବେଙ୍ଗ ମିଳିଛି! ଏହି ଘଟଣାକୁ ନେଇ ବୁଧବାର ଉତ୍ତେଜନା ମଧ୍ୟ ଦେଖାଦେଇଛି। ସୂଚନା ଅନୁଯାୟୀ, ୭ ନମ୍ବର ମହିଳା ହଷ୍ଟେଲରେ ଘଟିଛି ଏହି ଘଟଣା। ଛାତ୍ରୀଙ୍କୁ ରାତ୍ରି ଭୋଜନରେ ଦିଆଯାଇଥିବା ଚିଲି ସୋୟାବିନ ତରକାରୀରୁ ଏକ ମୃତ ବେଙ୍ଗ ମିଳିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଛାତ୍ରୀ ଓ ଅନ୍ୟମାନେ ଛାତ୍ରାବାସରେ ଖାଦ୍ୟର ସୁରକ୍ଷା ଏବଂ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି।

୨ ବର୍ଷ ବଢିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ,୪।୧୧(ବିଜୟ ସୁଦ୍): କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାରେ ସେନାରେ ନିଯୁକ୍ତି ପାଇଥିବା ଅଗ୍ନିବୀରମାନଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି କରାଯାଇଛି। ଏହି ସୂଚନା ଦେଇଛନ୍ତି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏନ୍ଏସ୍ ରାଜ ସୁବ୍ରମଣି।

ଡିସେମ୍ବର ୩୧ ସୁଦ୍ଧା ୭୫% ଅଗ୍ନିବୀରଙ୍କର ୨ ବର୍ଷ କାର୍ଯ୍ୟକାଳ ଅବଧି ଶେଷ ହେଉଛି। ସେମାନଙ୍କ ସଂଖ୍ୟା ୧୮ ହଜାର ୩୦୦। ଅବ୍ୟାହତି ନେବାକୁ ଥିବା ଏହି ଅଗ୍ନିବୀରଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି କରାଯାଇଛି। ସେମାନଙ୍କ କାର୍ଯ୍ୟ ଦକ୍ଷତା ମଧ୍ୟ ଖୁବ୍ ଭଲ ବୋଲି କହିଛନ୍ତି ସିଡିଏସ୍। ୨ ବର୍ଷ କାର୍ଯ୍ୟକାଳ ପରେ ସବୁ ଅଗ୍ନିବୀରଙ୍କୁ ସୁଯୋଗ ଦିଆଯିବ ନିୟମିତ ସୈନିକ ହେବା ପାଇଁ। ଏହା ସେମାନଙ୍କ ଇଚ୍ଛା ଉପରେ ମଧ୍ୟ ନିର୍ଭର କରେ। ନିୟମିତ ସୈନିକ ହେବା ପାଇଁ ଅବ୍ଜେକ୍ଟିଭ ସିଲେକ୍ସନ ହେବ।

ଟେନସନରେ ଟ୍ରମ୍ପ ହାରିଗଲା ଜିତିଲା

ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଉଭୟ ସଦନରେ ଡେମୋକ୍ରାଟ୍ସଙ୍କୁ ବହୁମତ

ଫେଲ୍ ମାରିଲା ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି

ୱାଶିଂଟନ,୪।୧୧(ଏଜେନ୍ସି): ସାରା ବିଶ୍ୱର ନଜର ରହିଥିଲା ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳ ଉପରେ। ନିର୍ବାଚନରେ ବିରୋଧୀ ଡେମୋକ୍ରାଟ୍ସ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିକୁ ବହୁ ପଛରେ ପକାଇ ଦେଇଛନ୍ତି। ଉଭୟ ସଦନରେ ସେମାନଙ୍କୁ ବହୁମତ ମିଳିଛି। ନିର୍ବାଚନରେ ହାରିଯାଇଛି ହାତୀ, ଜିତିଛି ଗଧ। ହାତୀ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ନିର୍ବାଚନ ସଂକେତ ହୋଇଥିବାବେଳେ ଗଧ ଡେମୋକ୍ରାଟ୍ସଙ୍କର ନିର୍ବାଚନ ସଂକେତ।

ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ୟୁଏସ୍ କଂଗ୍ରେସ (ସଂସଦ)ର ଉଭୟ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ (ପ୍ରତିନିଧି ସଭା) ଓ ଉଚ୍ଚ ସଦନ ସିନେଟ୍ରେ ରିପବ୍ଲିକାନ ପାର୍ଟିର ବହୁମତ ରହିଥିଲା। ନିର୍ବାଚନ ପରେ ଏହା ଓଲଟି ଯାଇଛି। ଉଭୟ ସଦନରେ ବିପୁଳ ବିଜୟ ହାସଲ କରିଛନ୍ତି ଡେମୋକ୍ରାଟ୍ସ ପ୍ରାର୍ଥୀ। ଐତିହାସିକ ଡେମୋକ୍ରାଟିକ ଲହରରେ ଭାସିଯାଇଛି ରପବ୍ଲିକାନ ପାର୍ଟି। ଏପରିକି ଟ୍ରମ୍ପଙ୍କ ଦବଦବା ଥିବା ଟେକ୍ସାସ୍, ଜର୍ଜିଆରେ ମଧ୍ୟ ଫେଲ୍ ମାରିଛନ୍ତି ଟ୍ରମ୍ପ। ପ୍ରତିନିଧି ସଭାର ୪୩୫ ଆସନରେ ନିର୍ବାଚନ ହୋଇଥିଲା। ସିନେଟ୍ରେ ୧୦୦ ଆସନ ମଧ୍ୟରୁ ୩୫ ଆସନରେ ହୋଇଥିଲା ନିର୍ବାଚନ। ଟମ୍ପ ସିନେଟରେ ହାରିଛନ୍ତି, ପ୍ରତିନିଧି ସଭାରେ ବିହାରିଛନ୍ତି। ବଡ଼ ଖେଳ କରିଛନ୍ତି ଭୋଟର।

ମେକ୍ ଆମେରିକା ଗ୍ରେଟ୍ ଆମେରିକା (ମାଗା)ର ନାରା ଦେଉଥିବା ଟ୍ରମ୍ପ ଅଧିକାଂଶ ସମୟରେ ମାଗା ଲେଖା ଥିବା କ୍ୟାପ ମଧ୍ୟ ପିନ୍ଧୁଥିଲେ। ସୁପରପାୱାର ଲୋକତନ୍ତ୍ରରେ ତାଙ୍କ ପାର୍ଟିର ବିଜୟ ହେବ ବୋଲି ଏକରକମ ଦୃଢ଼ ନିଶ୍ଚିତ ଥିଲେ। କିନ୍ତୁ ଫେଲ୍ ମାରିଯାଇଛି ତାଙ୍କର

ଆସେସ୍ମେଣ୍ଟ। ବାରି ହୋଇପଡ଼ିଛି ଜନତାଙ୍କ ଆକ୍ରୋଶ। ବହୁ ପଛରେ ପଡ଼ିଯାଇଛି ତାଙ୍କ ପାର୍ଟି।

ଟ୍ରମ୍ପ ଦ୍ୱିତୀୟଥର ଶାସନ କ୍ଷମତାକୁ ଆସିବା ପରେ ୟୁଏସ୍ କଂଗ୍ରେସରେ ତାଙ୍କର ବହୁମତ ଥିବାରୁ ଏଭଳି କେତେକ ପଦକ୍ଷେପ ଗ୍ରହଣ କରିଥିଲେ ଯାହା ବିବାଦୀୟ ହୋଇଥିଲା। ସମସ୍ୟା ବି ସୃଷ୍ଟି କରିଥିଲା, ଏପରିକି ବୈଶ୍ୱିକ ସ୍ତରରେ। ଇରାନ ଯୁଦ୍ଧ ଏହାର ଏକ ବଡ଼ ଉଦାହରଣ। ଇରାନ ଯୁଦ୍ଧ ପରେ ଆମେରିକା ସମେତ ବିଶ୍ୱରେ ତୈଳ ସହ ଅନ୍ୟାନ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ପାଇଥିଲା। ଆମେରିକୀୟ ମାନେ ଏହି ଯୁଦ୍ଧ ନିଷ୍ପତ୍ତିକୁ ପସନ୍ଦ କରିନଥିଲେ, ଏହା ଏବେ ସ୍ପଷ୍ଟ ହୋଇଯାଇଛି। ଟ୍ରମ୍ପଙ୍କ ଟାରିଫ ନିୟମ, ଭିସା ପାଇଁ କଠୋର ନୀତି ମଧ୍ୟ ବୈଶ୍ୱିକ ସ୍ତରରେ କମ୍ପନ ସୃଷ୍ଟି କରିଥିଲା। ବହୁ ଆମେରିକୀୟ କମ୍ପାନୀ ଏହି ନୀତିକୁ ପସନ୍ଦ କରିନଥିଲେ। ଏହାର ପ୍ରତିଫଳନ ଦେଖିବାକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ।

ନିର୍ବାଚନରେ ଟ୍ରମ୍ପଙ୍କ ପାର୍ଟି ବହୁମତ ହରାଇ ପଛରେ ପଡ଼ିଯାଇଥିଲେ ବି ଟ୍ରମ୍ପ ରାଷ୍ଟ୍ରପତି ପଦରେ ରହିବେ। କିନ୍ତୁ ସଂସଦରେ ତାଙ୍କର ଆଧିପତ୍ୟ ହ୍ରାସ ପାଇବା ନିଶ୍ଚିତ। ବିରୋଧୀ ଡେମୋକ୍ରାଟ୍ସ ତାଙ୍କୁ ଛାଡ଼ିବେ ନାହିଁ। ଆଉ ୨ ବର୍ଷ ପରେ ଆମେରିକାରେ ହେବ ରାଷ୍ଟ୍ରପତି ନିର୍ବାଚନ। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳର ଗଭୀର ପ୍ରଭାବ ମଧ୍ୟ ପଡ଼ିପାରେ ଆମେରିକାର ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ।

ପଞ୍ଚଭୂତରେ ବିଲୀନ ହେଲେ ପଦ୍ମଶ୍ରୀ ଡା.ଅଶୋକ ମହାପାତ୍ର

ସ୍ୱର୍ଗଦ୍ୱାରରେ ଗାର୍ଡ ଅଫ୍ ଅନର

ପୁରୀ,୪।୧୧(ନି.ପ୍ର): ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ବୁଧବାର ସମ୍ପନ୍ନ ହୋଇଛି ତାଙ୍କର ଶେଷକୃତ୍ୟ। ସ୍ୱର୍ଗଦ୍ୱାରରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ପରେ ଶୋକାକୁଳ ପରିବେଶରେ କନ୍ୟା ଶୁଭଶ୍ରୀ ଓ ପୁତୁରା ଶୁଭାଶିଷ ମୁଖାଗ୍ନି ଦେଇଛନ୍ତି। ଶେଷକୃତ୍ୟ ସମୟରେ ତାଙ୍କର ପରିବାର ଓ ଆତ୍ମୀୟସ୍ୱଜନ, ପୁରୀ ସାଂସଦ ସମ୍ବିତ ପାତ୍ର, ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନା ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଡା. ଅଶୋକ ମହାପାତ୍ରଙ୍କର ବ୍ରେନ୍ ଷ୍ଟ୍ରୋକ୍ ହେବାପରେ ସେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ମଙ୍ଗଳବାର ରାତିରେ ତାଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିଥିଲା। ଭୁବନେଶ୍ୱର ଏମ୍ସର ସେ ପ୍ରତିଷ୍ଠାତା ନିର୍ଦ୍ଦେଶକ। ତାଙ୍କ ମରଶରୀର ମଧ୍ୟ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରୁ ନିଆଯାଇଥିଲା ତାଙ୍କ ଗ୍ରାମ ବିରଗୋବିନ୍ଦପୁରକୁ। ସେଠାରୁ ସ୍ୱର୍ଗଦ୍ୱାର। ବିଶିଷ୍ଟ ସ୍ନାୟୁ ଶଲ୍ୟ ଚିକିତ୍ସକ ଡା. ମହାପାତ୍ର ଯୋଡ଼ାମୁଣ୍ଡ



ଶିଶୁ ଜଗା ବଳିଆଙ୍କର ଅସ୍ତ୍ରୋପଚାର କରିଥିଲେ । ୨୦୨୪ରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା।

ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ପ୍ରୋତ୍ସାହନ ରାଶି ବଢ଼ିଲା

ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୪।୧୧(ନି.ପ୍ର): ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ଦୀପାବଳି ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଣିକି ସେମାନଙ୍କ ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ସେମାନେ ମାସିକ ୫ରୁ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ। ଉପକୃତ ହେବେ ରାଜ୍ୟର ୪୮୮ ଓ ୬୬୨ ବର୍ଗର ପ୍ରାୟ ୬୪୧ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ।

ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି ଛଦରମାରେ ଅସଙ୍ଗତି ନେଇ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ଅସନ୍ତୋଷ : ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧ୍ୟକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିଲେ ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ।

ନିଜ ଜିଲ୍ଲା। ବାହାରେ ପୋଷ୍ଟିଂ ହୋଇଥିଲେ ମାସକୁ ମିଳିବ ୭ ହଜାର ଟଙ୍କା। ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିମି ଦୂରରେ ପୋଷ୍ଟିଂ ହୋଇଥିଲେ ୯ ହଜାର ଟଙ୍କା ମିଳିବ। ଯଦି ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ ତେବେ ମିଳିବ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି। ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ। ଏ ବାବଦରେ ରାଜ୍ୟ ସରକାରଙ୍କର ବର୍ଷକୁ ବ୍ୟୟ ହେବ ୬ କୋଟି ଟଙ୍କା।

ଆହୁରି ସୁଦୃଢ଼ ହେବ ଫାଷ୍ଟ ଟ୍ରାକ୍ କୋର୍ଟ

କେନ୍ଦ୍ର କ୍ୟାବିନେଟର ଅନୁମୋଦନ

ନୂଆଦିଲ୍ଲୀ,୪।୧୧(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତ (ଏଫଟିଏସସି)ଗୁଡ଼ିକ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କୋର୍ଟଗୁଡ଼ିକର ସୁପରିଚାଳନା ନିମନ୍ତେ କେନ୍ଦ୍ର ପ୍ରାୟୋଜିତ ଯୋଜନା (ସିଏସ୍ଏସ୍)ର ଅବଧିକୁ ଅତିରିକ୍ତ ପାଞ୍ଚ ବର୍ଷ ବୃଦ୍ଧି କରାଯାଇଛି। ଏସବୁ ଅଦାଲତଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ପୋକ୍ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଅଦାଲତ ମଧ୍ୟ ରହିଛି। ବର୍ତ୍ତମାନ ଏହି ଯୋଜନା ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଯୋଜନାରେ ମୋଟ୍ ୩,୭୮୮.୦୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏଥିରେ କେନ୍ଦ୍ରର ଭାଗ ୨,୩୫୩.୧୫ କୋଟି ଟଙ୍କା ଏବଂ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳର ଭାଗ ୧,୪୩୪.୮୯ କୋଟି ଟଙ୍କା ରହିଛି। ନିର୍ଭୟା ପାଣ୍ଠିରୁ କେନ୍ଦ୍ରର ଭାଗ ଯୋଗାଇ ଦିଆଯିବ।

ଅତିରିକ୍ତ ଜିଲ୍ଲାଗୁଡ଼ିକୁ କଭରେଜ୍ ବୃଦ୍ଧି କରିବା ପାଇଁ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତଗୁଡ଼ିକର ସଂଖ୍ୟା ବର୍ତ୍ତମାନର ୭୭୯ ରୁ ୮୫୦କୁ ବୃଦ୍ଧି କରିବାର ବ୍ୟବସ୍ଥା ହୋଇଛି। ଏହି ସମ୍ପ୍ରସାରଣ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଳମ୍ବିତ ପଡ଼ି ରହିଥିବା ମାମଲାଗୁଡ଼ିକର ତଥ୍ୟ ଉପରେ ଆଧାରିତ ହେବ। ଦ୍ରୁତ ବିଚାର ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ସରକାରୀ ଓକିଲଙ୍କ ସମେତ ନ୍ୟାୟିକ ଅଧିକାରୀ ଓ ସହାୟକ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ।

ଆଉ ଦୁଇ ଦିନ ବର୍ଷା

ବାତ୍ୟା ମୁରାସୁ ଅବଶେଷ ରହିଛି ଅବପାତ ରୂପରେ

ଭୁବନେଶ୍ୱର,୪।୧୧(ନି.ପ୍ର): ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡଫଲ କରିଥିବା ବାତ୍ୟା ମୁରାସୁ ଓଡ଼ିଶାରେ ସେଭଳି ବିପଦ ସୃଷ୍ଟି କରିନଥିଲେ ବି ଏହାର ଅବଶେଷ ଏବେ ଅବପାତର ରୂପରେ ରହିଛି। ଫଳରେ ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହୋଇଛି। ଆଉ ଦୁଇ ଦିନ ବର୍ଷା ସ୍ଥିତି ରହିବ ବୋଲି ଆକଳନ କରାଯାଇଛି। ମାଲକାନଗିରି ଓ କୋରାପୁଟରେ ବର୍ଷା ପରିମାଣ ସାମାନ୍ୟ ଅଧିକ ହୋଇପାରେ। ୫ ତାରିଖ ପରେ ଧୀରେ ଧୀରେ ବର୍ଷା କମିଯିବ। ନଭେମ୍ବର ମଧ୍ୟଭାଗରେ ଏକ ବାତ୍ୟା ହୋଇପାରେ ବୋଲି ସଂକେତ ମିଳିଥିବାକୁ ନେଇ କୁହାଯାଇଛି ଯେ, ନୂଆ ଲଘୁଚାପ ନେଇ କୌଣସି ସ୍ପଷ୍ଟତା ଏଯାଏ ନାହିଁ।

ପାହାଡ଼ ଉପରେ ଓ ତଳେ ଥିବା ଲୋକ ସ୍ଥାନାନ୍ତର ହେବେ

ଭୁବନେଶ୍ୱର,୪।୧୧(ନି.ପ୍ର): ଗିଡ଼ିପାବାଲି ଭୂସ୍ଖଳନ ପରେ ମୃତାହତ ରୋକିବାକୁ ରାଜ୍ୟ ସରକାର ବଡ ନିଷ୍ପତ୍ତି ନେଇଛନ୍ତି। ପାହାଡ଼ ଉପରେ ଓ ତଳେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଭୂସ୍ଖଳନ ସମ୍ଭାବନା ଥିବା ଅଞ୍ଚଳରେ ପାହାଡ଼ ଉପରେ ଓ ତଳେ ରହୁଥିବା ଲୋକଙ୍କୁ ଚିହ୍ନଟ ପାଇଁ ସର୍ଭେ ଆରମ୍ଭ ହୋଇଛି। ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସମସ୍ୟାର ସମାଧାନ ପାଇଁ ଉତ୍ତର-ପୂର୍ବ ରାଜ୍ୟକୁ ଅଧିକାରୀ ଟିମ୍ ଯାଇଥିଲେ ବୋଲି କହିଛନ୍ତି

କନ୍ଧମାଳ ଓ ଗଜପତି ଜିଲ୍ଲାରେ ଶହ ଶହ ପାହାଡ଼ ରହିଛି। ଅନେକ ଭୂସ୍ଖଳନ ପଏଣ୍ଟ ମଧ୍ୟ ରହିଛି। ସେସବୁ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ। ତଳେ ଥିବା ଗାଁରେ ନୂଆ ବସ୍ତି ଏବଂ ଘର କରି ସେମାନଙ୍କୁ ଯୋଗାଇ ଦେବେ ସରକାର। କେତେ ଲୋକ ପାହାଡ଼ ଉପରେ ଏବଂ ତଳେ ରହିଛନ୍ତି ତାର ସର୍ଭେ ଆରମ୍ଭ ହୋଇଛି। ବାତ୍ୟା ଅର୍ଣ୍ଣବରେ ଗିଡ଼ିପାବାଲିରେ ଭୟଙ୍କର ଭୂସ୍ଖଳନରେ ଯେତେ ଲୋକ ଜୀବିତ ରହିଛନ୍ତି ସେମାନଙ୍କୁ ସରକାର ଘର ଯୋଗାଇ ଦେବେ। କେଉଁ ଜନବସତି ଅଞ୍ଚଳରେ ସେମାନେ ରହିବେ ଏହା ଚିହ୍ନଟ ହେବା ପରେ ସେମାନଙ୍କୁ ସ୍ଥାନାନ୍ତରିତ ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଆନ୍ଧ୍ରର ପଛଘୁଞ୍ଚା

କୋଟିଆରୁ ଫେରିଗଲେ ପୋଲିଂ ପାର୍ଟି

ସୀମାନ୍ତ ଅଞ୍ଚଳରେ ପ୍ରଶାସନ ଓ ପୋଲିସର କଡ଼ା ନଜର

ଜୟପୁର, ୪।୧୧(ନି.ପ୍ର): କୋଟିଆରେ ପଞ୍ଚାୟତ ନିର୍ବାଚନ କରିବାକୁ ଅଣ୍ଟା ଭିଡ଼ିଥିବା ଆନ୍ଧ୍ରପ୍ରଦେଶ ପଛଘୁଞ୍ଚା ଦେଇଛି। ତୀବ୍ର ବିରୋଧ ପରେ କୋଟିଆରୁ ଫେରିଯାଇଛନ୍ତି ପୋଲିଂ ପାର୍ଟି। ନେରେଡ଼ିବାଲସାରେ ୬ଟି ବୁଥ୍‌ରେ ଆନ୍ଧ୍ର ନିର୍ବାଚନ କରିବାକୁ ଚାହୁଁଥିଲା। ଏହିସବୁ ବୁଥ୍‌କୁ ସିଲ୍ କରାଯାଇଛି। କୋଟିଆରେ ନିୟୋଜିତ ହୋଇଛନ୍ତି ଓଡ଼ିଶାର ୧୫ ପ୍ଲାଟୁନ ଫୋର୍ସ। ସବୁ ରାଜନୈତିକ ଦଳର ନେତା ଓ କର୍ମୀ ମଧ୍ୟ ଜଗି ରହିଛନ୍ତି ଶହଶହ ସଂଖ୍ୟାରେ। ଆନ୍ଧ୍ର ଗୋ ବ୍ୟାକ୍ ନାରା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ମାମଲା ମଧ୍ୟ ରୁଜୁ କରାଯାଇଛି।

କୋଟିଆକୁ ସଂଯୋଗ କରୁଥିବା ନେରେଡିବାଲସା,ଫାଟୁସିନେରୀ ଓ ତଳସେମ୍ବି ରାସ୍ତାକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଦିନତମାମ ସୀମାରେ ପହରା ଦେଉଥିବା ପୋଲିସ ରାତିରେ ମଧ୍ୟ ଜଗି ରହିବ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା କୋଟିଆରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଏଥିସହ ବିଭିନ୍ନ ରାଜନୈତିକ ଦଳ ଏକାଠି ହୋଇ ମାଟିର ସୁରକ୍ଷା ପାଇଁ ଏକଜୁଟ ହୋଇଛନ୍ତି। ଅନ୍ୟପକ୍ଷରେ ଉପରସେମ୍ବିରେ ଆନ୍ଧ୍ର ପକ୍ଷରୁ ଖୋଲାଯାଇଥିବା ଅସ୍ଥାୟୀ ପୋଲିସ ଆଉଟପୋଷ୍ଟକୁ କୋରାପୁଟ ପୋଲିସ ନିଜ ଅକ୍ତିଆରକୁ ନେଇଛି। ସେଠାରେ ଅବସ୍ଥାନ କରୁଥିବା ଆନ୍ଧ୍ର ପୋଲିସ କର୍ମଚାରୀଙ୍କୁ ହଟାଇ ଦିଆଯାଇଛି। ଏହି ଘଟଣାକୁ କୋଟିଆରେ ଆନ୍ଧ୍ର ପକ୍ଷ ପାଇଁ ଏକ ବଡ଼ ଝଟ୍କା। ନେରେଡିବାଲସାରେ ଆନ୍ଧ୍ର ପକ୍ଷରୁ ନିର୍ମାଣ କରାଯାଇଥିବା ଆଇଟିଡିଏ ଗୃହକୁ ମଧ୍ୟ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ଅକ୍ତିଆରକୁ ନେଇଛି। ଗତ ନିର୍ବାଚନ ସମୟରେ ଏହି ଗୃହରେ ଭୋଟଗ୍ରହଣ କରାଯାଇଥିଲା। କୋଟିଆରେ କୌଣସି

ପରିସ୍ଥିତିରେ ଆନ୍ଧ୍ରକୁ ନିର୍ବାଚନ କରାଇବାକୁ ଦିଆଯିବ ନାହିଁ ବୋଲି କୋରା

রাশিফল

মেষ: ব্যবসায়িক ব্যাপারে কোনোরূপ অবহেলা করবেন না। সন্তানের পড়াশুনা নিয়ে চিন্তা থাকবে। কর্মস্থলে সুনাম বৃদ্ধি। কর্মক্ষেত্রে পরিবর্তনের সম্ভাবনা। পরিবারে শান্তি বজায় থাকবে। সন্তানের শরীর খারাপ থাকতে পারে। ব্যয় বৃদ্ধি।

বৃষ: বেরিয়ে যাবার পথে কিছু। বন্ধুর সাহায্য পাবেন। ব্যবসায় লাভের সম্ভাবনা। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

মিথুন: ব্যবসায়ে উন্নতির সম্ভাবনা। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পরিবারে শান্তি বজায় থাকবে। সন্তানের শরীর খারাপ থাকতে পারে। ব্যয় বৃদ্ধি।

কর্কট: বন্ধুস্থানীয় কারো সাথে মনোমালিন্য হতে পারে। ব্যবসায় লাভের সম্ভাবনা। কর্মস্থলে সুনাম বৃদ্ধি। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

সিংহ: ধৈর্য, বাকসংযম ও বুদ্ধিমত্তার সাথে কাজ করলে সফলতা আসবে। ব্যবসায় লাভের সম্ভাবনা। কর্মস্থলে সুনাম বৃদ্ধি। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

কন্যা: ব্যবসায়িক কাজে বিদেশ ভ্রমণ হতে পারে। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

তুলা: ব্যবসায়িক কাজে বিদেশ ভ্রমণ হতে পারে। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

বৃশ্চিক: ধৈর্য, বাকসংযম ও বুদ্ধিমত্তার সাথে কাজ করলে সফলতা আসবে। ব্যবসায় লাভের সম্ভাবনা। কর্মস্থলে সুনাম বৃদ্ধি। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

ধনু: ব্যবসায়ে উন্নতির সম্ভাবনা। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

মকর: ব্যবসায়িক কাজে বিদেশ ভ্রমণ হতে পারে। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

কুম্ভ: ধৈর্য, বাকসংযম ও বুদ্ধিমত্তার সাথে কাজ করলে সফলতা আসবে। কর্মস্থলে সুনাম বৃদ্ধি। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

মীন: ব্যবসায় লাভের সম্ভাবনা। কর্মস্থলে সুনাম বৃদ্ধি। কর্মক্ষেত্রে কোনো পরিবর্তন হতে পারে। বন্ধুর সাহায্য পাবেন। ভ্রমণে আনন্দ। পুরনো কোনো বন্ধুর সাথে দেখা হতে পারে। বিনিয়োগের ক্ষেত্রে সতর্ক থাকুন। পরিবারে শান্তি বজায় থাকবে।

চিত্রে চরিত্রে শব্দছকে

৪ ফেব্রুয়ারি ২০২৩

ছবি দেখে কথা বলো!

৫ জন বন্ধু মিলে একসাথে ছবি তুলতে চাইলে তাদের কী কী করা উচিত? তাদের মধ্যে কে কোন ধরনের ছবি তুলতে চাইবে

ଘର ପାଖରେ ନିଃଶୁଳ୍କ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା

ରୋଗୀଙ୍କ ଚିକିତ୍ସା ସହ ଚକ୍ଷୁ ଅସ୍ତ୍ରୋପଚାର କଲା ସେନାବାହିନୀ ଚିକିତ୍ସା ସେବା

ଭୁବନେଶ୍ୱର,୪।୧୧(ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ସେନାବାହିନୀ ଚିକିତ୍ସା ସେବା (ଏଏଫଏମଏସ) ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟସେବା ଶିବିର ଏବଂ 'ଅପରେସନ ଦୃଷ୍ଟି'ର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେନାବାହିନୀର ପ୍ରଶିକ୍ଷିତ ବିଶେଷଜ୍ଞ ଡାକ୍ତର, ଦନ୍ତ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ତିନି ଦିନ ଧରି ଚାରି ହଜାରରୁ ଅଧିକ ରୋଗୀଙ୍କର ଚିକିତ୍ସା କରିଥିଲେ। ପ୍ରତ୍ୟେକ ରୋଗୀଙ୍କୁ ଶିବିର ପରିସରରେ ମାଗଣାରେ ଚିକିତ୍ସା କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମସ୍ଥାନ ମୟୂରଭଞ୍ଜର ଗ୍ରାମାଞ୍ଚଳର ଅନେକ ପରିବାର ପାଇଁ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଚିକିତ୍ସା ପାଇବା ସମୟସାପେକ୍ଷ ଏବଂ ମହଙ୍ଗା ହୋଇଥାଏ। ଏଥିପାଇଁ ଦୂର ସହରକୁ ଯିବାକୁ ପଡ଼ିଥାଏ ଏବଂ ପ୍ରାୟତଃ ଦୈନିକ ମଜୁରି ହରାଇବା ଏବଂ ଚିକିତ୍ସା ସ୍ଥଗିତ ରଖିବା ଭଳି ସମସ୍ୟା ଦେଖାଦିଏ। ଅପରେସନ୍ ଦୃଷ୍ଟି ମାଧ୍ୟମରେ ସେନାବାହିନୀ ଚିକିତ୍ସା ସେବା ପକ୍ଷରୁ ଲୋକଙ୍କ ଘରପାଖରେ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଚିକିତ୍ସାକୁ ପହଞ୍ଚାଇଥିଲା। ଏଠାରେ ଚକ୍ଷୁ, ହୃଦରୋଗ, ନେଫ୍ରୋଲୋଜି, ଚର୍ମରୋଗ, ଦନ୍ତ ଏବଂ ସାଧାରଣ ଭେଷଜ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ରୋଗୀଙ୍କୁ ଗୋଟିଏ କ୍ୟାମ୍ପସ ମଧ୍ୟରେ ରୋଗ ପରୀକ୍ଷା, ଚିକିତ୍ସା ଏବଂ ଆବଶ୍ୟକ ସ୍ଥଳେ ରେଫର ସୁବିଧା ମିଳିଥିଲା।

ହୃଦ୍‌ରୋଗ ବିଭାଗରେ ୪୦୦ରୁ ଅଧିକ ରୋଗୀଙ୍କ ଚିକିତ୍ସା ସହ ୨୯୮ଟି ଇସିଜି ଏବଂ ୪୦୬ଟି ଇକୋକାର୍ଡିଓଗ୍ରାମ୍ ହୋଇଥିଲା। ଏହା ବ୍ୟତୀତ ୨୯ ଜଣ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଚିହ୍ନଟ କରାଯାଇ ଆଞ୍ଜିଓଗ୍ରାଫି, ସିଟି ଆଞ୍ଜିଓଗ୍ରାଫି, ଭାଲଭ ଅସ୍ତ୍ରୋପଚାର, ଡିଭାଇସ୍ ଇମ୍ପ୍ଲାଣ୍ଟେସନ୍ ଏବଂ ବେଲୁନ୍ ପଲ୍ମୋନାରୀ ଭାଲ୍‌ଭୋଟୋମି ପାଇଁ ଅନ୍ୟତ୍ର ପଠାଯାଇଛି। ବୃକକ ରୋଗ ବିଭାଗରେ ୪୦୦ରୁ ଅଧିକ ରୋଗୀଙ୍କ ଚିକିତ୍ସା ସହ ୩୪୧ଟି ଅଲଟ୍ରାସାଉଣ୍ଡ କରାଯାଇଛି। ଚର୍ମରୋଗ ବିଭାଗରେ ୫୦୦ରୁ ଅଧିକ ରୋଗୀଙ୍କୁ, ଦନ୍ତ ବିଭାଗରେ ୨୨୧ ଜଣ ରୋଗୀଙ୍କୁ, ସାଧାରଣ ଭେଷଜ ବିଭାଗରେ ୩୩୯ ଜଣ ରୋଗୀଙ୍କୁ ଚିକିତ୍ସା ଦିଆଯାଇଛି। ବୁଧବାର ଏଏଫଏମଏସ ଡିଜି ଏୟାର ମାର୍ଶାଲ ସନ୍ଦୀପ ଥରେଜା ରାଇରଙ୍ଗପୁର ସ୍ୱାସ୍ଥ୍ୟ ଶିବିରକୁ ଆସିଥିଲେ। ସେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ମତବିନିମୟ କରିଥିଲେ। ସେହିପରି ଅସ୍ତ୍ରୋପଚାର ହୋଇଥିବା ରୋଗୀଙ୍କୁ ଔଷଧ କିଟ୍ ପ୍ରଦାନ କରିଥିଲେ। ଏହି ଶିବିରରେ ସହଯୋଗ କରିଥିବା ସମସ୍ତଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ଗଞ୍ଜେଇ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ, ୬ ଗିରଫ

ଖୋର୍ଦ୍ଧା,୪।୧୧(ନିପ୍ର): ଖୋର୍ଦ୍ଧାରେ ନିଶା କାରବାର ବିରୋଧରେ ବଡ଼ ସଫଳତା ପାଇଛି ଖୋର୍ଦ୍ଧା ପୋଲିସ। ଜିଲ୍ଲାରୁ ଜିଲ୍ଲାକୁ ଗଞ୍ଜେଇ ଚାଲାଣ କରୁଥିବା ଏକ ସଂଗଠିତ ରାକେଟକୁ ପୋଲିସ ଧ୍ୱଂସ କରିଛି। ଏହି ଚଢ଼ାଉରେ ଚାଷୀଠାରୁ ଆରମ୍ଭ କରି ପରିବହନକାରୀ, ଏସ୍କର୍ଟ ପାର୍ଟି ଏବଂ ଶେଷ ମୁଣ୍ଡ ବିତରକ ପର୍ଯ୍ୟନ୍ତ ସମୁଦାୟ ୬ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏସପି ସ୍ମିତ ପାର୍ଶୁଦମ ଦାସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗଡ଼ଗୁଡୁମ ସ୍ଥିତ ଗାଇଡାନ୍ସ ଇଣ୍ଟରନ୍ୟାସନାଲ ସ୍କୁଲ ନିକଟ ଦୁର୍ଗାପୁର ଅଞ୍ଚଳରୁ ୬୭.୩୩ କେଜି ଗଞ୍ଜେଇ, ୩ଟି କାର, ୫ଟି ମୋବାଇଲ ଫୋନ ଏବଂ ନଗଦ ୧୨,୩୦୦ ଟଙ୍କା ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ବିଶେଷ ସୂତ୍ରରୁ ଖବର ପାଇ ଏସପି ପରମାର ସ୍ମିତ ପର୍ଷୋତ୍ତମଦାସଙ୍କ ନିର୍ଦ୍ଦେଶକ୍ରମେ, ୩ ନଭେମ୍ବର ଅପରାହ୍ନ ୪.୩୦ରେ ସଦର ଥାନା ଆଇଆଇସି ବାସୁଦେବ ଜୟସିଂହଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦୀପକ କୁମାର ପାକଲଙ୍କ ନେତୃତ୍ୱରେ ଟିମ୍ ସେହିଦିନ ସନ୍ଧ୍ୟା ୭.୩୦ ରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମାନେ ହେଲେ ବାପି, ପିତା ରଞ୍ଜନ ନାୟକ (୩୨), ଖଇରା ଥାନା, ବାଲେଶ୍ୱର, ଅଜୟ କୁମାର ମଲ୍ଲିକ (୪୪), ବାଉରୀପଦା, ସିମୁଳିଆ, ମଧୁସୂଦନ ପାଣିଗ୍ରାହୀ (୨୨), ପାଳସା, ଖଇରା, ବାଲେଶ୍ୱର – ଏସ୍କର୍ଟ ପାର୍ଟି, ସୁଧାଂଶୁ ଭୂଷଣ ଦାଶ (୨୮), ପାଳସା, ଖଇରା, ବାଲେଶ୍ୱର – ଏସ୍କର୍ଟ ପାର୍ଟି,ଦିପୁ ମଲ୍ଲିକ (୩୧), ବଳରାମପୁର, ନାଇକାନଡିହି, ଭଦ୍ରକ – ବାଲେଶ୍ୱର ଓ ଭଦ୍ରକରେ ବିକ୍ରି ଓ ବିତରଣ, ରାହୁଲ କୁମାର ସିଂ (୨୭), ବାଉରୀପଦା, ସିମୁଳିଆ, ବାଲେଶ୍ୱର – ବାଲେଶ୍ୱର ଓ ଭଦ୍ରକରେ ବିକ୍ରି ଓ ବିତରଣ ପୋଲିସ ସୂଚନା ଅନୁସାରେ, ଏମାନେ ଫୁଲବାଣୀର କଇଁ ଝରା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ୩ଟି କାର ଯୋଗେ ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିଲେଛଜବତ ସାମଗ୍ରୀ ମଧ୍ୟରେ ୬୭.୩୩ କେଜି ଗଞ୍ଜେଇ,ଧଳା ରଙ୍ଗର ୩ଟି କାର ସହିତ ୫ଟି ମୋବାଇଲ,ଓ ନଗଦ ୧୨,୩୦୦ ଟଙ୍କା ଜବତ କରିଛନ୍ତି। ଏ ନେଇ ଖୋର୍ଦ୍ଧା ସଦର ଥାନା କେସ ନଂ ୫୨୪/୦୩.୧୧.୨୦୨୬, ୟୁ/ଏସ୍ ୨୦(ବି)(ଆଇଆଇ)(ସି)/୨୯ ଏନ୍‌ଡି ପିଏସ୍ ଆକ୍ଟରେ ମାମଲା ରୁଜୁ ହୋଇଛି।

ଅଜଣା ବାଇକ ଧକ୍କାରେ ଯୁବକ ଗୁରୁତର

କଣ୍ଟିଲୋ,୪।୧୧ (ନି.ପ୍ର): କଣ୍ଟିଲୋରୁ ଫତେଗଡକୁ ସଂଯୋଗ କରୁଥିବା ରାସ୍ତାର ପଥରଚକଡା ଗ୍ରାମ ନିକଟସ୍ଥ ପୋତା ପୋଖରୀ ନିକଟରେ ଏକ ଅଜଣା ବାଇକ ଧକ୍କାରେ ଫତେଗଡ ଗ୍ରାମର ବିରଞ୍ଚି ସାହୁ (୫୫) ଗୁରୁତର ଆହତ ହୋଇଥିବା ଜଣାଯାଇଛି। ବିରଞ୍ଚି ଏକ ବାଇକ ଯୋଗେ ଯାଉଥିବା ବେଳେ ଆଉ ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ସେ ତଳକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି। ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି।

ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ୧୭ ସମାଧାନ

ବୋଲଗଡ଼,୪।୧୧(ନି.ପ୍ର): ବୋଲଗଡ ବ୍ଲକର ପାଟପୁର ଶାସନ ପଞ୍ଚାୟତ କଲ୍ୟାଣୀ ମଣ୍ଡପଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଡ଼ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି ଶରତ କୁମାର ହୋତା, ସମିତିସଭ୍ୟାଙ୍କ ପ୍ରତିନିଧି ସନ୍ତୋଷ କୁମାର ବେହେରା, ୱାର୍ଡ ସଭ୍ୟ ସୁରେଶ ଚନ୍ଦ୍ର ପ୍ରଧାନ, ଯମୁନା ଦେଇ, ପ୍ରତାପ ଚନ୍ଦ୍ର ହୋତା ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୧୭ଟି ତୁରନ୍ତ ସମାଧାନ ହୋଇପାରିଛି। ଅବଶିଷ୍ଟ ବିଚାର ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଡିଓ ସୌମ୍ୟ ରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରାଟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ଗଠନ ସଚେତନତା

କଣାସ,୪।୧୧(ନି.ପ୍ର): କଣାସ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ଥାନା, ଛକ ବଜାରରେ ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ଗଠନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପୁରୀ ସହାୟତା ଓ ନାରୀ ମଙ୍ଗଳ ମହିଳା ସମିତି ସହଯୋଗରେ ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ଓ ପ୍ରକ୍ରିୟାରେ ତଥା ୧୫ ରୁ ୧୮ବର୍ଷ କିଶୋରୀଙ୍କୁ ବିପଦ ସଙ୍କୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ କରାଇଥିଲେ, ତୁରନ୍ତ ଶ୍ରମ କାର୍ଯ୍ୟାଳୟ ଥାନା କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଥିଲା। ଶିଶୁଙ୍କୁ କର୍ଯ୍ୟାରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜୋରିମାନା ଓ ଜେଲ ଦଣ୍ଡ ଭୋଗିବାକୁ ପଡିବ। ବାରମ୍ବାର ସେହି ବ୍ୟକ୍ତି ଶିଶୁ ମାନଙ୍କୁ ଶ୍ରମିକ ଭାବେ କାମ କରାଇଲେ, ତାଙ୍କୁ ତିନି ବର୍ଷ ଜେଲ ଦଣ୍ଡ ହେବ। ତେଣୁ ଶିଶୁଙ୍କୁ ଦେଶର ଭବିଷ୍ୟତରେ ସାମିଲ କରିବା ପାଇଁ ଘୋଡ଼ାନାଚ, ଦାସ କାଠିଆ ମାଧ୍ୟମରେ ସଚେତନ କରାଯାଇଥିଲା। ଜଙ୍କିଆ ବଜାର, ବିଜିପୁର କଣାସ ଓ ଗାଡ଼ିଶାଗୋଦା ଥାନା ଆଦି ବିଭିନ୍ନ ସ୍ଥାନରେ ଏହି ସଚେତନତା କାର୍ଯ୍ୟ ଅନୁଷ୍ଠିତ ହେଇଥିଲା।



କଟରରେ କାଟି ଯୁବକଙ୍କୁ ହତ୍ୟା

ବୋଲଗଡ଼,୪।୧୧(ନି.ପ୍ର): ବୋଲଗଡ ସଦର ଗଡ଼ଭିତର ସାହିର କେଦାରନାଥ ଦଳବେହେରା(୫୧)ଙ୍କୁ କେହି ଦୁର୍ବୃତ୍ତ ତାଙ୍କ ଘର ବାରିପଟେ କଟରରେ କାଟି ମାରିଦେଇଥିବା ଜଣାପଡିଛି। ଘରେ କେହି ନଥିବା ସମୟରେ ସନ୍ଧ୍ୟା ୮ଟା ବେଳେ ତାଙ୍କୁ ତାଙ୍କର ଚା ଦୋକାନରୁ ଡାକି ନେଇ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଖବର ପାଇ ଖୋର୍ଦ୍ଧା ଏସପି, ଏସଡିପିଓ ବୋଲଗଡ଼ରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ ସହ ସନ୍ଧନୀ କୁକୁରର ସହାୟତା ନିଆଯାଇଛି। ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ଓ ବେଗୁନିଆ ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇ ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି। ଦୁର୍ବୃତ୍ତମାନେ ବୋଲଗଡ ପୋଲିସକୁ ଖୋଲ। ଚ୍ୟାଲେଞ୍ଜ ଦେଇଥିବା ଜନସାଧାରଣରେ ଆଲୋଚନା ହେଉଛି। ଶବ ଜବତ କରି ବ୍ୟବଚ୍ଛେଦ ନିମିତ୍ତ ପଠାଇଦେଇଛନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ସ୍ପଷ୍ଟ ହୋଇଛି। ହତ୍ୟାର କାରଣ ଏଯାବତ ଅସ୍ପଷ୍ଟ ରହିଛି। ଗ୍ରାମର ସମସ୍ତ ସିସିଟିଭି ଯାଞ୍ଚ କରାଯାଇଛି। ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରାଯିବ ବୋଲି ଏସପି ଶ୍ରୀ ପରମାର ସୂଚନା ଦେଇଛନ୍ତି।

ଡ. ଜ୍ଞାନରଞ୍ଜନ ପଣ୍ଡା ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର,୪।୧୧(ନି.ପ୍ର): ଜାତୀୟ ସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର-ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶର ପ୍ରତିଷ୍ଠିତ ସଂସ୍କୃତ ବିଦ୍ୱାନ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କୁ 'ଓଡ଼ିଆ ଅସ୍ମିତା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ପାତ୍ର (ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା ଖାଦ୍ୟ ଯୋଗାଣ ବିଭାଗ) ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଗରିମାମୟ ଉତ୍ସବରେ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ଦୀନଦୟାଲ ମେଡିକାଲ ବିଶ୍ୱବିଦ୍ୟାଳୟ, ରାୟପୁରର କୁଳପତି ପ୍ରଫେସର ପ୍ରଦୀପ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂସ୍କୃତିପ୍ରେମୀ, ଗବେଷକ, ଅଧ୍ୟାପକ, ପ୍ରଫେସର ଓ ଛାତ୍ରଛାତ୍ରୀ ଏହି ଓଡ଼ିଆ ଅସ୍ମିତା ସମ୍ମିଳନୀ-୨୦୨୬ରେ ଯୋଗଦେଇଥିଲେ।

ଡ. ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଗୀତଗୋବିନ୍ଦ ସାହିତ୍ୟ ଏବଂ ଶ୍ରୀଚୈତନ୍ୟ ଦର୍ଶନର ଗଭୀର ଅଧ୍ୟୟନ, ଗବେଷଣା ଓ ପ୍ରଚାର-ପ୍ରସାର କ୍ଷେତ୍ରରେ ଦୀର୍ଘବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶାର ଗୌରବମୟ ସାଂସ୍କୃତିକ ଐତିହ୍ୟକୁ ଦେଶର ବିଭିନ୍ନ ରାଜ୍ୟରେ ପରିଚିତ କରାଇବା ଏବଂ ଏହାର ସୁରକ୍ଷା ନିମନ୍ତେ ସେ ଅନେକ ଜାତୀୟ ସମ୍ମିଳନୀ, ଆଲୋଚନାଚକ୍ର ଓ ଗବେଷଣାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ତାଙ୍କ ସମ୍ପାଦନାରେ ଅନେକ ଗବେଷଣାମୂଳକ ପୁସ୍ତକ ଓ ପ୍ରକାଶନ ମଧ୍ୟ ପ୍ରକାଶିତ ହୋଇଛି, ଯାହା ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସଂସ୍କୃତ ସାହିତ୍ୟ, କାବ୍ୟଶାସ୍ତ୍ର ଓ ନାଟ୍ୟଶାସ୍ତ୍ର ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ଜଣେ ପ୍ରବୀଣ ଗବେଷକ ଭାବେ ଡ. ପଣ୍ଡାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସେ ୨୦୦୪ ମସିହାରୁ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି ସହିତ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟରେ ଜଡ଼ିତ ରହି ଦୀର୍ଘ ୨୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷାକ୍ଷେତ୍ରରେ ଅବଦାନ ରଖିଆସୁଛନ୍ତି। ବର୍ତ୍ତମାନ ସେ ଉକ୍ତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ତାଙ୍କ ମାର୍ଗଦର୍ଶନରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉପକୃତ ହୋଇଛନ୍ତି।

୧୬ ବର୍ଷହେଲା ଭଡ଼ାଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ନିଜସ୍ୱ ଗୃହ ନିର୍ମାଣ କେବେ?

କଣ୍ଟିଲୋ,୪।୧୧(ନି.ପ୍ର) କଣ୍ଟିଲୋ ଗ୍ରାମ ପଞ୍ଚାୟତ ପରିସର ଖୁଦବେହେରା ପାଟଣା ସାହିରେ ସରକାରଙ୍କ ତରଫରୁ ଖୋଲା ଯାଇଥିବା ୧୦ ନଂ ଅଙ୍ଗନବାଡି କେନ୍ଦ୍ରଟି ୧୬ ବର୍ଷ ହେଲା ଗୋଟିଏ ଭଡ଼ା ଘରେ ଚାଲିଛି। ନିଜସ୍ୱ ଗୃହ ନିର୍ମାଣ ଆଉ କେବେ ହେବ ବୋଲି ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ସରକାରଙ୍କ ତରଫରୁ ନୂତନ ଭାବେ ୧୬ ବର୍ଷ ପୂର୍ବେ ଏହି ୧୦ ନଂ ଅଙ୍ଗନବାଡି କେନ୍ଦ୍ର ଖୋଲିବା ସମୟରେ ତତ୍କାଳୀନ ଖଣ୍ଡପଡା ବିଡିଓ ଓ ସିଡିପିଓ ପ୍ରତିଶ୍ରୁତି ଦେଇଥିଲେ, ବର୍ତ୍ତମାନ ଭଡା ଘରେ କେନ୍ଦ୍ର ଚାଲୁ ଥାଉ। ଖୁବଶୀଘ୍ର ନିଜସ୍ୱ ନୂତନ ଗୃହ ନିର୍ମାଣ କରାଯିବ। କିନ୍ତୁ ସେହି ପ୍ରତିଶ୍ରୁତି ଆଜକୁ ୧୬ ବର୍ଷ ବିତି ଯାଇଥିବା ଏବଂ ବାରମ୍ବାର ମୌଖିକ ଓ ଲିଖିତ ଅଭିଯୋଗ କରା ଯାଉଥିବା ଏବଂ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରସାରିତ ହେଉଥିଲେ ମଧ୍ୟ, କୁମ୍ଭକର୍ଣ୍ଣ ଭଳି ନିଘୋଡ ନିଦରେ ଶୋଇ ରହିଥିବା ସମ୍ପୃକ୍ତ ବ୍ଲକ ପ୍ରଶାସନର ନିଦ ଭାଙ୍ଗୁନି। ଏହି କେନ୍ଦ୍ରରେ ପ୍ରାୟ ୨୦ ଜଣ କୁନି କୁନି ପୁଅ ଝିଅ ପାଠ ପଢ଼ିବାକୁ ଆସୁଥିବା ସୂତ୍ରରୁ ମିଳିଛି। ହେଲେ ନିଜସ୍ୱ ଗୃହ ନଥିବାରୁ ମାସକୁ ୩୫୦୦ ଟଙ୍କା ଭଡ଼ା ଦେଇ କେନ୍ଦ୍ର ଚାଲିଛି। ଯଥା ଶୀଘ୍ର ବ୍ଲକ ପ୍ରଶାସନ ଖଣ୍ଡପଡା, ନୟାଗଡ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳ, ଏହି ସମସ୍ୟା ଦୂର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପିଲାମାନଙ୍କର ଅଭିଭାବକ ମାନେ ଦାବି କରିଛନ୍ତି।

ବିଡିଓଙ୍କୁ ଜିଲ୍ଲାପାଳଙ୍କ ଶୋ-କଜ୍ ନୋଟିସ୍

ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଫେଲ୍ ମାରିଲା ଅସ୍ତରଙ୍ଗ ବ୍ଲକ

ଅସ୍ତରଙ୍ଗ,୪।୧୧(ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫତ୍ ବିଜୁଳି ଯୋଜନା ବାଟବଣା ହୋଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଚରମ ଅବହେଳା ପାଇଁ ଅସ୍ତରଙ୍ଗ ବ୍ଲକ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କୁ ପୁରୀ ଜିଲ୍ଲାପାଳ ଶୋ-କଜ୍ ନୋଟିସ୍ ଜାରି କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୨ ତାରିଖରେ ଜାରି ହୋଇଥିବା ଏହି ନୋଟିସ୍ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ, ନଭେମ୍ବର ୨ ତାରିଖ ସନ୍ଧ୍ୟା ୭ଟାରେ ବ୍ଲକ ୱାରୀ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାର ସମୀକ୍ଷା ବୈଠକ ହୋଇଥିଲା

ପାଦଚିହ୍ନ

ବିବେକ ଜୀବନର ଲୁଣ ଏବଂ କଳ୍ପନା ଏହାର ମଧୁରତା। ଗୋଟିଏ ଜୀବନକୁ ସୁରକ୍ଷିତ ରଖେ ଅନ୍ୟଟି ଜୀବନକୁ ମଧୁର କରାଏ ।

ସମ୍ପାଦକୀୟ

ୟୁଏନ୍‌ଏସ୍‌ସି ଓ ଭାରତ

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଗଠନ ହେବାର ୮୧ ବର୍ଷ ବିତିଯାଇଥିଲେ ବି ଏହାର ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ଏଯାଏ ବୃଦ୍ଧି ପାଇନାହିଁ କି ଏଥିରେ ପରିବର୍ତ୍ତନ କରାଯାଇନାହିଁ । ସ୍ଥାୟୀ ସଦସ୍ୟ ହେବାପାଇଁ ପ୍ରମୁଖ ଦାବିଦାର ରହିଆସିଛି ଭାରତ । ନିଜର ବିଶାଳ ଆକାର, ସବୁଠାରୁ ଅଧିକ ଜନସଂଖ୍ୟା, ଗଣତାନ୍ତ୍ରିକ ବ୍ୟବସ୍ଥା, ବଢୁଥିବା ଅର୍ଥବ୍ୟବସ୍ଥା, ରଣନୀତିକ ଭୂମିକା ଏବଂ ସଂଯୁକ୍ତ ରାଷ୍ଟ୍ର ଶାନ୍ତି ରକ୍ଷା ଅଭିଯାନରେ ଦୀର୍ଘ ସମୟ ଧରି ଯୋଗଦାନକୁ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ମୁଖ୍ୟ ଆଧାର ଭାବେ ଦେଖାଯାଉଛି । ଏହା ସତ୍ତ୍ୱେ ଭାରତକୁ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ କରାଯାଇନାହିଁ । ଏବେ ଭାରତ ୨୦୨୮–୨୯ ପାଇଁ ୟୁଏନ୍‌ଏସ୍‌ସିର ଅସ୍ଥାୟୀ ସଦସ୍ୟ ନିର୍ବାଚନ ଲଢୁଛି । ପୂର୍ବରୁ ୧୯୫୦–୫୧, ୧୯୬୭–୬୮, ୧୯୭୨–୭୩, ୧୯୭୭–୭୮, ୧୯୮୪–୮୫, ୧୯୯୧–୯୨, ୨୦୧୧–୧୨ ଓ ୨୦୨୧–୨୨ରେ ଭାରତ ଆଠଥର ୟୁଏନ୍‌ଏସ୍‌ସିର ଅସ୍ଥାୟୀ ସଦସ୍ୟ ରହିସାରିଛି। ପୁଣି ଥରେ ଅସ୍ଥାୟୀ ସଦସ୍ୟ ହେବା ଅଭିଯାନରେ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଜଦୂତ ହରୀଶ ପର୍ବତନେନୀ କହିଛନ୍ତି ଯେ, ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟତା ପାଇଁ ଭାରତର ପ୍ରମୁଖ ପ୍ରାଥମିକତା ହେବ ସାମୁଦ୍ରିକ ସୁରକ୍ଷା ଓ ଏଆଇ। ଭାରତ ଏହା ଉପରେ ଜୋର୍ ଦେବ ବୋଲି ସେ ସୁରକ୍ଷା ପରିଷଦରେ ଆୟୋଜିତ ଏକ ଖୋଲା ବିତର୍କରେ ମତ ରଖିଛନ୍ତି। ସେ କହିଛନ୍ତି, ମହାସାଗର ହେଉଛି ବୈଶ୍ୱିକ ବାଣିଜ୍ୟ କାରବାରର ଜୀବନରେଖା। ସାମୁଦ୍ରିକ ସୁରକ୍ଷା ଦେଶଗୁଡ଼ିକର ଅର୍ଥ ବ୍ୟବସ୍ଥାକୁ ଯୋଡ଼ିବା ସହ ଜୀବନ ଜୀବିକାକୁ ଏବଂ ଖାଦ୍ୟ ଓ ଉର୍ଜା ସୁରକ୍ଷାକୁ ସୁନିଶ୍ଚିତ କରିଥାଏ । ଏଥିପାଇଁ ସାମୁଦ୍ରିକ ସୁରକ୍ଷା ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଓ ସମୃଦ୍ଧି ପାଇଁ ଅନିବାର୍ଯ୍ୟ ।

ୟୁଏନ୍‌ଏସ୍‌ସିରେ ୮ ଥର ଅସ୍ଥାୟୀ ସଦସ୍ୟ ରହିସାରିଛି ଭାରତ । ପୁଣି ୨୦୨୮–୨୯ କାର୍ଯ୍ୟକାଳ ପାଇଁ ଅସ୍ଥାୟୀ ସଦସ୍ୟ ହେବାକୁ ପ୍ରତିଦ୍ୱନ୍ଦିତା କ୍ଷେତ୍ରକୁ ଓହ୍ଲାଇଛି । ବାରମ୍ବାର ଦାବି ସତ୍ତ୍ୱେ ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯାଉନାହିଁ ।

ୟୁଏନ୍‌ଏସ୍‌ସିରେ ୨୦୨୮–୨୯ କାର୍ଯ୍ୟକାଳ ପାଇଁ ଅସ୍ଥାୟୀ ସଦସ୍ୟ ହେବାକୁ ଆଗ୍ରହ ପ୍ରକାଶ କରିଛି ଭାରତ । ଏଥିପାଇଁ ତା'ର ପ୍ରାର୍ଥିତ୍ୱ ମଧ୍ୟ ଉପସ୍ଥାପନ କରିଛି । ଏହି ନିର୍ବାଚନ ଆଗାମୀ ବର୍ଷ ଜୁନ୍‌ରେ ହେବ ଯେଉଁଥିରେ ଏସିଆ–ପ୍ରଶାନ୍ତ ସମୂହର ଏକମାତ୍ର ସିଟ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ ଭାରତ ଓ ତାଜିକିସ୍ତାନ ମଧ୍ୟରେ। ୟୁଏନ୍‌ଏସ୍‌ସିରେ ୨୦୨୬ରେ ଅସ୍ଥାୟୀ ସଦସ୍ୟ ଭାବେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେଉଛି ଡେନମାର୍କ, ଗ୍ରୀସ, ପାକିସ୍ତାନ, ପାନାମା ଓ ସୋମାଲିଆର । ୨୦୨୬ରେ ଅସ୍ଥାୟୀ ସଦସ୍ୟ ଭାବେ କଲମ୍ବିଆ, କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ, ଲାଟଭିୟା ଓ ଲାଇବେରିଆର କାର୍ଯ୍ୟକାଳ ମଧ୍ୟ ସମ୍ପୂର୍ଣ୍ଣ ହେଉଛି । ସୁରକ୍ଷା ପରିଷଦର ବର୍ତ୍ତମାନର ଢାଞ୍ଚା ୧୯୬୫ ପରେ ମୂଳ ରୂପରେ ବଦଳିନାହିଁ । ୧୯୬୩ରେ ଗ୍ରହଣ କରାଯାଇଥିବା ଏବଂ ୧୯୬୫ରେ କାର୍ଯ୍ୟକାରୀ ହୋଇଥିବା ସଂଯୁକ୍ତ ରାଷ୍ଟ୍ର ଚାର୍ଟର ସଂଶୋଧନ ପରିଷଦରେ ସଦସ୍ୟଙ୍କ ସଂଖ୍ୟା ୧୧ରୁ ବୃଦ୍ଧି ପାଇ ୧୫ ହୋଇଥିଲା । ଏଥିରେ ଅସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ୬ରୁ ୧୦କୁ ବୃଦ୍ଧି କରାଯାଇଥିବାବେଳେ ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ସେହି ୫ ହିଁ ରହିଥିଲା । ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟ ସଂଖ୍ୟା ୫ରୁ ବୃଦ୍ଧି ପାଇଁ ବାରମ୍ବାର ଦାବି ହୋଇଆସୁଛି। ବଦଳୁଥିବା ବିଶ୍ୱର ସ୍ଥିତି ଓ ଘଟଣାବଳୀକୁ ଦୃଷ୍ଟିରେ ରଖି ଏଥିରେ ପରିବର୍ତ୍ତନ ନିହାତି ଜରୁରୀ ବୋଲି ମଧ୍ୟ ପରାମର୍ଶ ଦିଆଯାଉଛି । କିନ୍ତୁ ସ୍ଥାୟୀ ସଦସ୍ୟ ସଂଖ୍ୟା ଯେଉଁ ୫କୁ ସେହି ୫ରେ ରହିଛି । ଏହି ୫ ସଦସ୍ୟ ହେଲେ ଆମେରିକା, ରୁଷ, ଫ୍ରାନ୍ସ, ବ୍ରିଟେନ ଓ ଚୀନ । ସ୍ଥାୟୀ ସଦସ୍ୟ ରହିଥିବା ଏହି ସମସ୍ତ ୫ ରାଷ୍ଟ୍ର ନିକଟରେ ମଧ୍ୟ ରହିଛି ଭିଟୋ ପାୱାର । ଏହି ଅଧିକାର ମଧ୍ୟ ଅମୋଘ ଅସ୍ତ୍ର ଭାବେ ଜଣାଶୁଣା । ସ୍ଥାୟୀ ସଦସ୍ୟ ଥିବା ୫ ରାଷ୍ଟ୍ର ମଧ୍ୟରୁ ଯେକୌଣସି ରାଷ୍ଟ୍ରର ଭିଟୋ ପ୍ରୟୋଗରେ ଜାତିସଂଘରେ ବୈଶ୍ୱିକ ନିର୍ଣ୍ଣୟ ପ୍ରକ୍ରିୟାରେ ଯେକୌଣସି ପ୍ରସ୍ତାବ କାଟ୍ ଖାଇଯାଇଥାଏ। ସଂଯୁକ୍ତ ରାଷ୍ଟ୍ର ମହାସଭା ୧୦ ଅସ୍ଥାୟୀ ସଦସ୍ୟ ପାଇଁ ନିର୍ବାଚନ କରିଥାଏ ଯାହାର କାର୍ଯ୍ୟକାଳ ମାତ୍ର ଦୁଇ ବର୍ଷ । ଭାରତ ଦାବି କରିଆସୁଛି ଯେ, ୧୯୪୫ ପରେ ବିଶ୍ୱର ରାଜନୀତିକ ଓ ଆର୍ଥିକ ଚିତ୍ର ବଦଳିଛି, ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ଏବଂ ଏସିଆ, ଆଫ୍ରିକା ଓ ଲାଟିନ ଆମେରିକା ସମେତ ବିକାଶଶୀଳ ଦେଶଗୁଡ଼ିକୁ ବୈଶ୍ୱିକ ନିର୍ଣ୍ଣୟ ପ୍ରକ୍ରିୟାରେ ଅଧିକ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ ।

ଈଶ୍ୱର ସବୁ ସ୍ଥାନରେ ଅଛନ୍ତି

ଦାତାଦୀନ ନିଜ ପୁଅ ଗୋପାଳକୁ ପ୍ରତ୍ୟେକ ଦିନ ରାତିରେ ଶୋଇବା ପୂର୍ବରୁ କାହାଣୀ ଶୁଣାନ୍ତି । ଗୋଟିଏ ଦିନ ଦାତାଦୀନ ଗୋପାଳକୁ ଗପଟିଏ ଶୁଣାଇସାରି କହିଲେ– ଗୋପାଳ ଗୋଟିଏ କଥା କେବେ ମଧ୍ୟ ଭୁଲିବୁ ନାହିଁ ଭଗବାନ୍ ସବୁଠାରେ ଅଛନ୍ତି । ଗୋପାଳ କହିଲା ଯଦି ସେ ସବୁଠାରେ ଅଛନ୍ତି ମୁଁ ତ କେଉଁଠି ତାଙ୍କୁ ଦେଖିପାରୁନି। ଦାତାଦୀନ କହିଲା– ଆମେ ଭଗବାନଙ୍କୁ ଦେଖି ପାରୁନାହିଁ କିନ୍ତୁ ସେ ଆମକୁ ଏବଂ ଆମର ସମସ୍ତ କର୍ମକୁ ଦେଖିପାରନ୍ତି। ଗୋପାଳ ବାପାର କଥା ମନେ ରଖିଲା ।

କିଛି ଦିନ ପରେ ଅକାଳ ପଡ଼ିଲା। ଦାତାଦୀନର କ୍ଷେତରେ କିଛି ହେଲା ନାହିଁ। କିଛି ଦୂରରେ ଥିବା ଗାଁକୁ ରାତିରେ ଦାତାଦୀନ ନିଜ ପୁଅ ଗୋପାଳକୁ ନେଇଗଲା। ଅନ୍ୟ କ୍ଷେତରୁ ଶସ୍ୟ କାଟି ଘରକୁ ଆଣିବା ପାଇଁ ଦାତାଦୀନ ଚାହୁଁଥିଲା । ଗୋପାଳକୁ ଜମି ହିଡ଼ରେ ଠିଆ କରାଇ ଦାତାଦୀନ ଧାନ କାଟିବାକୁ ଗଲା । ଗଲାବେଳେ ଦାତାଦୀନ ଗୋପାଳକୁ କହିଗଲା ତୁମେ ଚାରିଆଡ଼କୁ ଦେଖୁଥାଅ, କିଏ ଯଦି ଏହି ଆଡ଼କୁ ଆସେ ମୋତେ ଜଣାଇବୁ । ଦାତାଦୀନ କ୍ଷେତରୁ ଫସଲ ଗୋଛାଏ କାଟିବାକୁ ଯାଉଛି ଗୋପାଳ କହିଲା ବାପା ରହିଯାଆନ୍ତୁ, ବାପା କହିଲେ କାହିଁକି କିଏ ଦେଖୁଛି କି? ହଁ ବାପା ଦେଖୁଛି। ଦାତାଦୀନ କ୍ଷେତରୁ ତରତର ହୋଇ ହିଡ଼ପାଖକୁ ଆସିଲା। ସେ ଚାରିଆଡ଼ ଦେଖିଲା। କେହି ନଥିଲେ । ଦାତାଦୀନ ପୁଅକୁ ପଚାରିଲା– କେଉଁଠି? କିଏ ଦେଖୁଛି? ଗୋପାଳ କହିଲା– ତୁମେ ତ କହିଥିଲ ଈଶ୍ୱର ସବୁ ସ୍ଥାନରେ ଅଛନ୍ତି ଏବଂ ସମସ୍ତଙ୍କର ସବୁ କାମକୁ ଦେଖୁଛନ୍ତି । ତୁମେ ଅନ୍ୟର କ୍ଷେତରୁ ଶସ୍ୟ କାଟିକି ନେଲେ ସେ କ'ଣ ଦେଖିବେନି? ଦାତାଦୀନ ପୁଅର ଏହି କଥାରେ ଲଜ୍ଜିତ ହେଲେ । ଚୋରିର ବିଚାର ଛାଡ଼ି ସେ ଘରକୁ ଫେରି ଆସିଲେ ।

ମାନବତାର ଆକାଶରେ ଅପୂରଣୀୟ ଶୂନ୍ୟତା

ସୌଭାଗ୍ୟ ରଞ୍ଜନ ମହାନ୍ତି



ଜଣେ ମହାନ ଚିକିତ୍ସକଙ୍କ ବିଦାୟ

କିଛି ବିଦାୟ କେବଳ ଜଣେ ମଣିଷଙ୍କ ଜୀବନର ଅନ୍ତ ନୁହେଁ, ସେଗୁଡ଼ିକ ଏକ ଯୁଗର ଅବସାନ। କିଛି ମଣିଷଙ୍କ ଅନୁପସ୍ଥିତି କେବଳ ଗୋଟିଏ ପରିବାରକୁ ନୁହେଁ, ଅସଂଖ୍ୟ ପରିବାରର ଆଶା, ବିଶ୍ୱାସ ଓ ଭରସାକୁ ନିରବ କରିଦିଏ। ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ପରଲୋକ ସେହିଭଳି ଏକ ଦୁଃଖଦ ମୁହୂର୍ତ୍ତ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଗର୍ବିତ ସନ୍ତାନଙ୍କୁ ହରାଇଛି, ଦେଶ ଜଣେ ଅସାଧାରଣ ଚିକିତ୍ସକଙ୍କୁ ହରାଇଛି ଏବଂ ଚିକିତ୍ସା ଜଗତ ଜଣେ ଦୂରଦର୍ଶୀ ଶିକ୍ଷକ, ଗବେଷକ ଓ ମାନବସେବୀଙ୍କୁ ହରାଇଛି। ୭୪ ବର୍ଷ ବୟସରେ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିବା ଖବର ଅସଂଖ୍ୟ ଲୋକଙ୍କ ହୃଦୟକୁ ଶୋକାକୁଳ କରିଛି। ଜୀବନରେ ଏମିତି କିଛି ମଣିଷ ଥାଆନ୍ତି, ଯେଉଁମାନଙ୍କ ପରିଚୟ ସେମାନଙ୍କ ପଦପଦବୀ କିମ୍ବା ସମ୍ମାନରେ ସୀମିତ ରହେ ନାହିଁ ,ସେମାନଙ୍କ ପରିଚୟ ରହିଯାଏ ସେମାନଙ୍କ ଦ୍ୱାରା ବଞ୍ଚିଯାଇଥିବା ଜୀବନରେ, ସେମାନଙ୍କଠାରୁ ଶିକ୍ଷା ପାଇଥିବା ପିଢ଼ିରେ ଏବଂ ସେମାନଙ୍କ କାର୍ଯ୍ୟରୁ ପ୍ରେରଣା ପାଇଥିବା ସମାଜରେ। ଡା. ମହାପାତ୍ର ସେହି ବିରଳ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ। ମସ୍ତିଷ୍କ ଓ ସ୍ନାୟୁ ସମ୍ବନ୍ଧୀୟ ଜଟିଳ ରୋଗର ଚିକିତ୍ସା କ୍ଷେତ୍ରରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ଅବଦାନ ତାଙ୍କୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। କିନ୍ତୁ ତାଙ୍କ ମହାନତାର ପ୍ରକୃତ ମାପକାଠି ଥିଲା ତାଙ୍କର ମାନବିକତା ଓ ଚିକିତ୍ସାକୁ ସେବା ଭାବରେ ଦେଖିବାର ଦୃଷ୍ଟିଭଙ୍ଗୀ। ଜଣେ ଚିକିତ୍ସକଙ୍କ ହାତରେ କେବଳ ଶଲ୍ୟଚିକିତ୍ସାର ଉପକରଣ ନଥାଏ, ଥାଏ ଅନ୍ୟ ଜଣଙ୍କ ଜୀବନକୁ ନୂଆ ସୁଯୋଗ ଦେବାର ଦାୟିତ୍ୱ। ଏହି ଦାୟିତ୍ୱକୁ ସେ ନିଜର ଜୀବନବ୍ରତ ଭାବରେ ଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବରେ ତାଙ୍କର ଭୂମିକା ଓଡ଼ିଶାର ଚିକିତ୍ସା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ। ଓଡ଼ିଶାର ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିବା ସମୟରେ ଏହି ଅନୁଷ୍ଠାନକୁ ଏକ ଉଚ୍ଚମାନର ଚିକିତ୍ସା କେନ୍ଦ୍ର ଭାବରେ ଗଢ଼ିତୋଳିବାରେ ତାଙ୍କ ନେତୃତ୍ୱର ଅବଦାନ ସ୍ମରଣୀୟ ହୋଇ ରହିବ। ଏକ ଅନୁଷ୍ଠାନ ନିର୍ମାଣ କରିବା ଅପେକ୍ଷା ତାହାକୁ ଗୁଣାତ୍ମକ ସେବା, ଗବେଷଣା, ଶୃଙ୍ଖଳା ଓ ମାନବିକ ମୂଲ୍ୟବୋଧର ଆଦର୍ଶ କେନ୍ଦ୍ର କରିବା ଅଧିକ କଠିନ । ଡା. ମହାପାତ୍ର ଏହି ଆହ୍ୱାନକୁ ଗ୍ରହଣ କରିଥିଲେ। ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ଭାବରେ ମଧ୍ୟ ସେ ନିଜର ପାରଦର୍ଶିତାର ପରିଚୟ ଦେଇଥିଲେ। ତାଙ୍କ ଜୀବନର ସବୁଠାରୁ ଚର୍ଚ୍ଚିତ ଅଧ୍ୟାୟ ମଧ୍ୟରୁ ୨୦୧୭ ମସିହାରେ ଯୋଡ଼ାମୁଣ୍ଡ ଶିଶୁ ଜଗା ଓ ବଳିଆଙ୍କୁ ପୃଥକ୍ କରିବାର ଐତିହାସିକ ଶଲ୍ୟଚିକିତ୍ସା ଅନ୍ୟତମ। ଏହା କେବଳ ଏକ ଜଟିଳ ଚିକିତ୍ସା ପଦ୍ଧତି ନଥିଲା, ଏହା ଥିଲା ବିଜ୍ଞାନ, ଅଦମ୍ୟ ସାହସ, ଧୈର୍ଯ୍ୟ ଓ ମାନବୀୟ ସମ୍ବେଦନାର ଏକ ଅସାଧାରଣ ଉଦାହରଣ। ଦୀର୍ଘ ପ୍ରସ୍ତୁତି, ଅନେକ ବିଶେଷଜ୍ଞଙ୍କ ସମନ୍ୱୟ ଓ ଅସୀମ ଏକାଗ୍ରତା ମଧ୍ୟରେ ସମ୍ପନ୍ନ ହୋଇଥିବା ଏହି ଶଲ୍ୟଚିକିତ୍ସା ଭାରତୀୟ ଚିକିତ୍ସା ବିଜ୍ଞାନର କ୍ଷମତାକୁ ବିଶ୍ୱସମ୍ମୁଖରେ ପ୍ରତିଷ୍ଠିତ କରିଥିଲା। ଜଗା ଓ ବଳିଆଙ୍କ ଜୀବନରେ ନୂଆ ଆଶା ସଞ୍ଚାର କରିଥିବା ଏହି ଅଭିଯାନ ସହିତ ତାଙ୍କ ନାମ ଚିରକାଳ ପାଇଁ ଯୋଡ଼ି ହୋଇ ରହିବ। ଜଣେ ମାଆବାପାଙ୍କ ପାଇଁ ନିଜ ସନ୍ତାନର ଜୀବନଠାରୁ ବଡ଼ ସମ୍ପଦ ଆଉ କିଛି ନାହିଁ। ସେହି ସନ୍ତାନଙ୍କ ଜୀବନରେ ଆଶାର ଆଲୋକ ଜାଳିବା ଜଣେ ଚିକିତ୍ସକଙ୍କ ପାଇଁ ସର୍ବଶ୍ରେଷ୍ଠ ମାନବୀୟ ସଫଳତା। ଏହି ଘଟଣା ଆମକୁ ମନେ ପକାଇଦିଏ ଯେ ବିଜ୍ଞାନର ପ୍ରକୃତ ମହତ୍ତ୍ୱ ମଣିଷର ଦୁଃଖ ଦୂର କରିବାରେ ରହିଛି। ଡା. ମହାପାତ୍ରଙ୍କ ଜୀବନ ଏହି ସତ୍ୟର ଜୀବନ୍ତ ପ୍ରମାଣ। ସଞ୍ଜୟ ଗାନ୍ଧୀ ସ୍ନାତକୋତ୍ତର ଚିକିତ୍ସା ବିଜ୍ଞାନ ସଂସ୍ଥାନ, ଲକ୍ଷ୍ନୌର ନିର୍ଦ୍ଦେଶକ ଏବଂ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପ୍ରମାଣ କରେ ଯେ ତାଙ୍କର ଦକ୍ଷତା କେବଳ ଶଲ୍ୟଚିକିତ୍ସା କକ୍ଷରେ ସୀମିତ ନଥିଲା ଚିକିତ୍ସା ଶିକ୍ଷା, ଗବେଷଣା ଓ ଅନୁଷ୍ଠାନିକ ବିକାଶରେ ମଧ୍ୟ ତାଙ୍କର ଅବଦାନ ବ୍ୟାପକ ଥିଲା। ୨୦୨୫ ମସିହାରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ତାଙ୍କର ଦୀର୍ଘ ସାଧନା ଓ ଅସାଧାରଣ ସେବାର ଜାତୀୟ ସ୍ୱୀକୃତି ଥିଲା। କିନ୍ତୁ ଏକ ପ୍ରଶ୍ନ ଆଜି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଉଠିବା ସ୍ୱାଭାବିକ–ଆମେ ଏପରି ମହାନ ବ୍ୟକ୍ତିତ୍ୱଙ୍କୁ କେବଳ ତାଙ୍କ ବିୟୋଗ ସମୟରେ ମନେ ପକାଇବା ନା ତାଙ୍କ ଜୀବନ ଓ କାର୍ଯ୍ୟକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଆଧାର କରିବା? ଆଜି ଯେତେବେଳେ ଚିକିତ୍ସା କ୍ଷେତ୍ରରେ ବ୍ୟବସାୟିକ ମନୋଭାବ, ଅତ୍ୟଧିକ ଚିକିତ୍ସା ଖର୍ଚ୍ଚ ଓ ଗରିବ ରୋଗୀଙ୍କ ଅସହାୟତା ନେଇ ସମାଜରେ ଚିନ୍ତା ବଢୁଛି, ସେତେବେଳେ ଡା. ମହାପାତ୍ରଙ୍କ ଭଳି ଚିକିତ୍ସକଙ୍କ ଜୀବନ ଆମକୁ ଚିକିତ୍ସା ବୃତ୍ତିର ମୂଳ ଆଦର୍ଶ ମନେ ପକାଇଦିଏ। ଚିକିତ୍ସା କେବଳ ରୋଜଗାରର ମାଧ୍ୟମ ନୁହେଁ, ଏହା ହେଉଛି ଜୀବନ ରକ୍ଷାର ପବିତ୍ର ଦାୟିତ୍ୱ। ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଯାଆନ୍ତି ନିଜର ଯନ୍ତ୍ରଣା, ଭୟ ଓ ଶେଷ ଆଶାକୁ ନେଇ। ସେହି ଆଶାକୁ ସମ୍ମାନ ଦେବା ହିଁ ଚିକିତ୍ସକଙ୍କ ସର୍ବପ୍ରଥମ କର୍ତ୍ତବ୍ୟ। ଏହି ଆଦର୍ଶକୁ ଆଗାମୀ ପିଢ଼ିର ଚିକିତ୍ସକମାନେ ଆତ୍ମସମୀକ୍ଷା କରିବା ଆଜିର ସମୟର ଆବଶ୍ୟକତାଛ। ଓଡ଼ିଶା ସରକାର, ରାଜ୍ୟର ଚିକିତ୍ସା ଅନୁଷ୍ଠାନ ଓ ଶିକ୍ଷାବିତମାନଙ୍କ ଉପରେ ମଧ୍ୟ ଏକ ଗୁରୁଦାୟିତ୍ୱ ରହିଛି। ତାଙ୍କ ସ୍ମୃତିରେ ଉନ୍ନତ ସ୍ନାୟୁଚିକିତ୍ସା ଗବେଷଣା, ଯୁବ ଡାକ୍ତରଙ୍କ ପ୍ରଶିକ୍ଷଣ, ଗରିବ ରୋଗୀଙ୍କ ସହାୟତା ଓ ଜଟିଳ ଶଲ୍ୟଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର କିମ୍ବା ଚୁକ୍ତି ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ତାଙ୍କ ନାମରେ ଏକ ସ୍ମାରକୀ ବ୍ୟାଖ୍ୟାନ ଓ ଯୁବ ଚିକିତ୍ସକଙ୍କ ପାଇଁ ସମ୍ମାନ ପ୍ରତିଷ୍ଠା କରାଗଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। କାରଣ ମହାନ ବ୍ୟକ୍ତିଙ୍କୁ ମନେ ରଖିବାର ଶ୍ରେଷ୍ଠ ଉପାୟ ହେଉଛି ତାଙ୍କର ଆଦର୍ଶକୁ ଜୀବନ୍ତ ରଖିବା। ଆଜି ତାଙ୍କ ଅନୁପସ୍ଥିତିରେ ଅସଂଖ୍ୟ ରୋଗୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କ ଆଖିରେ ଲୁହ ଥାଇପାରେ, କିନ୍ତୁ ତାଙ୍କ କାର୍ଯ୍ୟର ଇତିହାସ କେବେ ନିରବ ହେବ ନାହିଁ। ମଣିଷର ଆୟୁଷ ସୀମିତ, କିନ୍ତୁ ତାହାର ସତକର୍ମର ଆୟୁଷ ଅସୀମ।ଯେଉଁ ହାତ ଅନେକ ଜୀବନକୁ ମୃତ୍ୟୁମୁଖରୁ ଫେରାଇ ଆଣିବା ପାଇଁ ସଂଘର୍ଷ କରିଛି, ସେହି ହାତ ଆଜି ବିଶ୍ରାମ ନେଇଛି କିନ୍ତୁ ତାଙ୍କ ଜ୍ଞାନ, ତାଙ୍କ ଆଦର୍ଶ ଓ ତାଙ୍କ ସେବାର ସ୍ମୃତି ଅସଂଖ୍ୟ ହୃଦୟରେ ଜୀବନ୍ତ ରହିବ। ଜଗା ଓ ବଳିଆଙ୍କ ଜୀବନରେ ଆଶାର ଆଲୋକ ଜାଳିଥିବା ଏହି ମହାନ ଚିକିତ୍ସକଙ୍କ ଜୀବନ ଆମକୁ ଶିଖାଇ ଦେଇଛି ଯେ ପ୍ରକୃତ ସଫଳତା ପଦବୀରେ ନୁହେଁ, ପରୋପକାରରେ ପ୍ରକୃତ ମହାନତା ପ୍ରଶଂସାରେ ନୁହେଁ, ମଣିଷର ଜୀବନରେ ସୃଷ୍ଟି କରିଥିବା ଆଶାରେ। ଓଡ଼ିଶାର ଏହି ଗର୍ବିତ ସନ୍ତାନଙ୍କୁ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ, ଚିକିତ୍ସା ଜଗତ ଓ ଅସଂଖ୍ୟ ଶୁଭେଚ୍ଛୁଙ୍କୁ ଆମର ଗଭୀର ସମବେଦନା ଜଣାଉଛୁ। ଡା. ଅଶୋକ କୁମାର ମହାପାତ୍ର ଆଉ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ତାଙ୍କ ନାମ ଓ କର୍ମ ଓଡ଼ିଶାର ଗୌରବମୟ ଇତିହାସରେ ସଦାସର୍ବଦା ଅମର ହୋଇ ରହିବ।

ମୋ: ୯୪୩୭୯୪୩୭୯

ଓଡ଼ିଶାର ଶିଳ୍ପାୟନ ଓ ବିକାଶର ନୂତନ ଦିଗନ୍ତ

ଇଂ. ଅମର ବେହେରା

ଓଡ଼ିଶାର ଶିଳ୍ପାୟନ ଇତିହାସରେ ଏବେ ଏକ ଅଭୂତପୂର୍ବ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଅତୀତରେ କେବଳ ଖଣିଜ ଏବଂ ପାରମ୍ପରିକ ଓଜନଦାର ଧାତବ ଶିଳ୍ପ ଉପରେ ନିର୍ଭର କରୁଥିବା ଆମର ଏହି ପବିତ୍ର ଭୂଇଁ ସଂପ୍ରତି ଆଧୁନିକ ବୈଷୟିକ ଜ୍ଞାନକୌଶଳ, ସେମିକଣ୍ଡକ୍ଟର, ସୂଚନା ପ୍ରଯୁକ୍ତିବିଦ୍ୟା, ହରିତ ଶକ୍ତି ଏବଂ ରସାୟନ କ୍ଷେତ

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ କ୍ଷୟକ୍ଷତି ଆକଳନର ସମୀକ୍ଷା ବୈଠକ

ଛତ୍ରପୁର,୪।୧୧(ନି.ପ୍ର):ଗଞ୍ଜାମ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ ନିୟମାନୁଯାୟୀ ତ୍ୱରିତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କ୍ଷୟକ୍ଷତି ଆକଳନର ଅଗ୍ରଗତି, ଆକଳନ ରିପୋର୍ଟ ଦାଖଲ ଓ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ପ୍ରତ୍ୟେକ ବିଭାଗ ଦୈନିକ କେତେ ପରିମାଣର କ୍ଷୟକ୍ଷତି ଆକଳନ କରୁଛନ୍ତି, ତାହାର ସଠିକ ରେକର୍ଡ ରଖିବା ସହ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରି ଯଥାଶୀଘ୍ର ଆକଳନ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କ୍ଷୟକ୍ଷତି ଆକଳନ ପାଇଁ ବ୍ଲକ୍ର ଯନ୍ତ୍ରୀମାନେ ପ୍ରତ୍ୟେକ କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ପରିମାଣ ନିର୍ଦ୍ଧାରଣ କରିବେ। କ୍ଷତିଗ୍ରସ୍ତ କୋଠାଗୁଡ଼ିକର ମରାମତି ସମ୍ଭବ କି ନାହିଁ, ସେ ସମ୍ପର୍କରେ ବୈଷୟିକ ଯାଞ୍ଚ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ସେହିପରି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିକ୍ଷକ, କର୍ମଚାରୀ, ଅଭିଭାବକ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବ୍ୟାପକ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଆର୍ଡିସି ପରାମର୍ଶ ଦେଇଥିଲେ।ଆବଶ୍ୟକସ୍ଥଳେ ଗୋଟିଏ ପଞ୍ଚାୟତକୁ ଆଧାର କରି ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ପରୀକ୍ଷାମୂଳକ ଭାବେ ଯାଞ୍ଚ କରାଯିବା ଏଥିରେ ସଫଳତା ମିଳିଲେ ଅନ୍ୟ ଅଞ୍ଚଳରେ ମଧ୍ୟ ସେହି ଅନୁସାରେ ବ୍ୟବସ୍ଥା ଅନୁସରଣ କରାଯିବା ନେଇ ଆଲୋଚନା ହୋଇଥିଲା।

ଏଥିସହ ସରକାରଙ୍କ ପକ୍ଷରୁ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୂରଦୂରାନ୍ତ ଅଞ୍ଚଳରେ ଆବଶ୍ୟକସ୍ଥଳେ ଟ୍ରାକ୍ଟର ଯୋଗେ ଚାଉଳ ପହଞ୍ଚାଇବା ପାଇଁ ଜିଲ୍ଲା ଯୋଗାଣ ବିଭାଗକୁ କୁହାଯାଇଥିଲା। ଜିଲ୍ଲାର ୪ ଲକ୍ଷରୁ ଅଧିକ ରାସନ କାର୍ଡଧାରୀଙ୍କ ଆଧାର ସଂଯୁକ୍ତ ତଥ୍ୟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ ଭାବେ ସହାୟତା ପ୍ରଦାନ ନିଶ୍ଚିତ କରିବାକୁ କୁହାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨,୫୦୦ ଟଙ୍କାର ସହାୟତା ରାଶି ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କୁମାର କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ହିଞ୍ଜିଳି ନିର୍ବାଚନ ମଣ୍ଡଳୀକୁ ବନ୍ୟା ପ୍ରଭାବିତ ଅଞ୍ଚଳ

ଘୋଷଣା କରିବାକୁ କେନ୍ଦ୍ରୀୟ ଟିମଙ୍କୁ ବିଜେଡିର ଦାବିପତ୍ର

ହିଞ୍ଜିଳିକାଟୁ,୪।୧୧(ନି.ପ୍ର):ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି।ଏହି ପରିପ୍ରେକ୍ଷୀରେ ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ପାଇଁ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ୮ ଜଣିଆ ଆନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ଟିମର ପ୍ରମୁଖ ସଦସ୍ୟ ବୁଧବାର ହିଞ୍ଜିଳିକାଟୁରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ଟିମ ମୁଖ୍ୟଙ୍କ ସହିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ବିଜୟ ଅମୃତ କୁଲାଙ୍ଗେ,ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା ଓ ଅନ୍ୟାନ୍ୟ ପଦାଧିକାରୀଙ୍କୁ ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ହିଞ୍ଜିଳି ନିର୍ବାଚନ ମଣ୍ଡଳୀକୁ ବନ୍ୟା ପ୍ରଭାବିତ ଅଞ୍ଚଳ ରୂପେ ଘୋଷଣା କରିବାକୁ ଦାବି ଉପସ୍ଥାପନ କରିଥିଲେ। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ସମୟରେ ହିଞ୍ଜିଳିକାଟୁ ପୌରାଞ୍ଚଳ, ହିଞ୍ଜିଳିକାଟୁ ବ୍ଲକର ୨୧ ଓ ଶେରଗଡ ବ୍ଲକର ୨୨ଟି ପଞ୍ଚାୟତର ପ୍ରଭାବିତ ପରିବାରଙ୍କୁ ସମୟୋଚିତ ସରକାରୀ ସହାୟତା, ସ୍ଥାନୀୟ ଲୋକଙ୍କ ସହ ଜନ ପ୍ରତିନିଧିଙ୍କୁ ନେଇ ଜୀବନ ଜୀବିକା ଉପରେ ନିର୍ଭରଶୀଳ କୃଷି ଉଦ୍ୟୋଗ, ଆବାସ, ଉଦ୍ୟାନ କୃଷି, କ୍ଷୁଦ୍ର ବ୍ୟବସାୟୀଙ୍କ କ୍ଷୟକ୍ଷତିର ନିରପେକ୍ଷ ଆକଳନ ଓ ମୂଲ୍ୟାୟନ କରି କେନ୍ଦ୍ରୀୟ ଓ ରାଜ୍ୟ ସହାୟତା ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାସ୍ତା, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ନିରବିଚ୍ଛିନ୍ନ ବିଦ୍ୟୁତ ସରବରାହ ଆଦି ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଟିମଙ୍କୁ ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲପାଳ ଡଃ ଶିବାଶିଷ ବରାଳ, ଡେପୁଟି କମିଶନର ଚୁନୁଲି ଚରଣ ବେହେରା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ରୋଗୀ କଲ୍ୟାଣ ସମିତି ପ୍ରତିନିଧୀ ନୀଳମଣି ପଟ୍ଟନାୟକ, ଅଧ୍ୟକ୍ଷା ସରସ୍ୱତୀ ସେଠୀ,ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ,ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ମନୋଜ କୁମାର ସାବତ,ବସନ୍ତ କୁମାର ସେଠୀ, ଅନୀଲ ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡି ବିଜେଡି କାର୍ଯ୍ୟାଳୟରେ ସାଧାରଣ ବୈଠକ

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ରଣନୀତି ନେଇ ଆଲୋଚନା

ପାରଳାଖେମୁଣ୍ଡ,୪।୧୧(ନି.ପ୍ର):ଗଜପତି: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ରାମନଗର ହାଇଟେକ୍ ପ୍ଲାଜାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ କିପରି ବିଜୟ ହାସଲ କରିବ, ସେନେଇ ନେତା ଓ କର୍ମୀମାନଙ୍କୁ ବିଭିନ୍ନ ରଣନୀତି ଏବଂ ଦିଗ୍‌ଦର୍ଶନ ପ୍ରଦାନ କରାଯାଇଥିଲା। ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ ସମେତ ବିଭିନ୍ନ ଅଧକ୍ଷ, ଅଧକ୍ଷା, ସରପଞ୍ଚ, ସମିତି ସଦସ୍ୟ, ବିଜେଡିର ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଏଥିସହ ଏସ୍କେସିଜି କଲେଜର ନବନିର୍ବାଚିତ ସମସ୍ତ ଯୁବ ନେତା ମଧ୍ୟ ଉପସ୍ଥିତ ଥିଲେ।

ଦଳର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା, ତୃଣମୂଳ ସ୍ତରରେ କର୍ମୀମାନଙ୍କୁ ଏକଜୁଟ କରିବା ଏବଂ ଆଗାମୀ ନିର୍ବାଚନରେ ଦଳୀୟ ସଫଳତା ହାସଲ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ବୈଠକ ଦଳୀୟ ନେତା, ଜନପ୍ରତିନିଧି ଓ ଯୁବ ନେତୃତ୍ୱଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ସହ ଆଗାମୀ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଏକ ମିଳିତ ଦିଗଦର୍ଶନ ଦେଇଥିଲା।

ବୌଦ୍ଧରେ ଝାଲିଆ ଶବର ନୃତ୍ୟର ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ହରଭଙ୍ଗା,୪।୧୧(ନି.ପ୍ର):ବୁଧବାର ଦିନ ନୃତ୍ୟାନୁଷ୍ଠାନରେ ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର ଆନୁକୂଲ୍ୟରେ ବୌଦ୍ଧର ବିଲୁପ୍ତ ପ୍ରାୟ ଲୋକକଳା ଝାଲିଆ ଶବର ନୃତ୍ୟର ଦୀକ୍ଷାନ୍ତ କାର୍ଯ୍ୟକ୍ରମ ବିଦ୍ୟାପତି ପଣ୍ଡାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଝାଲିଆ ଶବର ନୃତ୍ୟ ଯାହାକି ଦଣ୍ଡନୃତ୍ୟର ଖୋଳ ସୁଆଙ୍ଗ ମଧ୍ୟରୁ ଅନ୍ୟତମ । ବୌଦ୍ଧ ଜିଲ୍ଲାର ଏହି ନୃତ୍ୟର ଏକ ସ୍ୱତନ୍ତ୍ରତା ରହିଛି । ଏହାର ନୃତ୍ୟ ଶୈଳୀ ଓ ବେଶଭୂଷା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ହେତୁ ଏହା ଦର୍ଶକଙ୍କୁ ଅକୃଷ୍ଟ କରି ମନୋରଞ୍ଜନର ଖୋରାକ ଯୋଗାଇଥାଏ । କିନ୍ତୁ ଦୁଃଖର କଥା ଏହିକଳାର ଉତ୍ତରାଧିକାରୀ ନଥିବା ହେତୁ ଓ ଆଜିକାର ଯୁବ ପିଢ଼ୀ ଏହି କଳାପ୍ରତି ଆଗ୍ରହ ପ୍ରକାଶ କରୁନଥିବା କାରଣରୁ ଧୀରେ ଧୀରେ ଏହା ବିଲୁପ୍ତ ହେବାକୁ ବସିଲାଣି ଏଣୁ ଏହାର ସଂରକ୍ଷଣ ନିମିତ୍ତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଏକ ଛୋଟ ପ୍ରୟାସ ଦୀକ୍ଷାନ୍ତ । ଦୀକ୍ଷାନ୍ତ ଏକ ଗୁରୁ ଶିଷ୍ୟ ପରମ୍ପରା । ଏଗାର ଜଣିଆ ଏକ ସ୍ଥାୟୀ ଦଳରେ ଦଶ ଜଣ ଶିଷ୍ୟ ରହିବେ ଓ ଜଣେ ଗୁରୁ ସପ୍ତାହରେ ୩ ଦିନ ଏହିପରି ଛଅ ମାସ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରିବେ। ବୁଧବାର ସନ୍ଧ୍ୟାରେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦାନକରି ଏହି ଦୀକ୍ଷାନ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରି ବକ୍ତବ୍ୟର ଏକ ଝାଲିଆ ଶବର ନୃତ୍ୟର ଏକ ଶ୍ରେଷ୍ଠ ନୃତ୍ୟଦଳ ପ୍ରସ୍ତୁତି ନିମିତ୍ତ ସମୟ, ଶ୍ରମ ଓ ଶ୍ରଦ୍ଧା ରଖି ଶିଖିଲେ ବହୁତ ଆଗକୁ ଯାଇ ପାରିବ ବୋଲି ଶିଷ୍ୟ ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ବୌଦ୍ଧ ଜିଲ୍ଲା ସଦସ୍ୟ ବସନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲା ବେଳେ ଦୀକ୍ଷାନ୍ତ ଗୁରୁ ରୂପେ ଅରୁଣ କୁମାର ମେଣ୍ଟିଲି,ପ୍ରାଣାମ ଅନୁଷ୍ଠାନର ନୃତ୍ୟ ଗୁରୁ ପ୍ରଶାନ୍ତ କୁମାର ଭାଇନା, ସୃଷ୍ଟି ନୃତ୍ୟାନୁଷ୍ଠାନର ଗୁରୁ ଅରୂପ ରଞ୍ଜନ ମହାରଣା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱ ବକ୍ତବ୍ୟ ମାଧ୍ୟମରେ ଉଦ୍ଭାସିତ କରିଥିଲେ । ନାଟ୍ୟକାର ସୁରେନ୍ଦ୍ର କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଶିଷ୍ୟ ମାନଙ୍କୁ ଦିକ୍ଷା ପ୍ରଦାନ, ସଂକଳ୍ପ ଗ୍ରହଣ ଓ ଶିଷ୍ୟ ମାନଙ୍କ ଦ୍ୱାରା ଗୁରୁପୂଜନ କରାଯାଇ ନୃତ୍ୟ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶଙ୍କର, ଶୋଭନ, ନୀଳାଦ୍ରୀ, ରୋଶନ, ଅଭିଷେକ ପ୍ରମୁଖ ସହଯୋଗ କରିଥିଲେ।

ମା' କାଳୀଙ୍କ ପୂଜା ପାଇଁ ଜୋରଦାର ପ୍ରସ୍ତୁତି

ଚୁଗୁଡ଼ା,୪।୧୧(ନି.ପ୍ର):ଚଳିତ ବର୍ଷ ଅତି ଆଡମ୍ବର ସହକାରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଛି। କାରିଗରମାନେ ମୂର୍ତ୍ତି ନିର୍ମାଣରେ ନିୟୋଜିତ । ଚୁଗୁଡା ସହରାଞ୍ଚଳର ମଦନ ମୋହନ ଛକରେ ମା'କାଳୀ ଏବଂ ଗ୍ରାମାଞ୍ଚଳର ଗୋଲିଆରେ ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ନେଇ ସାଧାରଣରେ ପ୍ରବଳ ଉତ୍ସାହ ଦେଖା ଦେଇଛି। ଏଣୁ କାରିଗରମାନେ ଆକର୍ଷଣୀୟ ମୂର୍ତ୍ତି କିପରି ଗଢ଼ିବ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ଚୁଗୁଡାର ମା'କାଳୀଙ୍କ ମୂର୍ତ୍ତି ନିର୍ମାଣରେ କାରିଗର କୈଳାସ ବେହେରା ଏବଂ ଗୋଲିଆର ମା' ଶ୍ୟାମାକାଳୀଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ପ୍ରସନ୍ନ ଆଚାର୍ଯ୍ୟ ନାୟକ ବ୍ୟସ୍ତ ରହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ସତୁରି ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଚୁଗୁଡା ସହରରେ ମା'କାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଗୋଲିଆ ଗ୍ରାମର ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ତ୍ରୟୋଦଶ ବର୍ଷରେ ପହଞ୍ଚିଥିବା ଜଣାଯାଇଛି। ଉଭୟ ପୂଜା କମିଟି ପକ୍ଷରୁ ପୂଜା ଉତ୍ସବ ପ୍ରସ୍ତୁତି କାର୍ଯ୍ୟମାନ ମଧ୍ୟ ଜୋରସୋରରେ ଚାଲିଥିବା ଜଣାପଡିଛି ।

ଗିଡିପାବାଲି ଭୂସ୍ଖଳନ: ଉଦ୍ଧାରରେ ବାଧକ ବଡ ପଥର

ଭଞ୍ଜନଗର,୪।୧୧(ନି.ପ୍ର):ଦିନ ଗଡୁଛି ଆଉ ଆଶଙ୍କା ବଢୁଛି । ଗଞ୍ଜାମ ବାଇବାଲି ପଞ୍ଚାୟତର ଗିଡିପାବାଲିରେ ଘଟିଥିବା ଛାତିଥରା ଭୂସ୍ଖଳନ ଘଟଣା ପରେ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ନିଖୋଜ ସମସ୍ତଙ୍କ ସଂପର୍କରେ ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳି ପାରୁନାହିଁ। ରେଳବାଇର ଅଭିଜ୍ଞ ଇଞ୍ଜିନିୟର ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀର ଶତାଧିକ ଉଦ୍ଧାରକାରୀ ଦଳ ସହ କଟର ମେସିନ, ଲାଇଭ ଡିଟେକ୍ଟର ମେସିନ, ଜିଓ ରାଡାର ଭଳି ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ଅଭିଜ୍ଞ ସନ୍ଧାନୀ କୁକୁରକୁ ଏହି ଅଭିଯାନରେ ସାମିଲ କରାଯାଇଥିଲେ ମଧ୍ୟ ଭୌଗଳିକ ଦୃଷ୍ଟିରୁ ଜେସିବି ପ୍ରୋକଲିନ ମେସିନ ପହଞ୍ଚାଇବା ସମ୍ଭବ ହେଉନଥିବାରୁ ବିଶେଷ ଦ୍ରୁତ ଗତିରେ ମଧ୍ୟ ଆଗେଇ ପାରୁନି ଉଦ୍ଧାର କାର୍ଯ୍ୟ। ଗତକାଲି ୪ ଟି ପଥର ଫଟା ଯାଇଥିବା ବେଳେ ବୁଧବାର ବଡ ପଥରକୁ ହଟାଇବା ପାଇଁ ଡ୍ରିଲ କରିବା ସମୟରେ କାଦୁଅ ଯୋଗୁ ତାହା ଖସି ପଡୁଥିବାରୁ ପଥରରେ କଣା କରିବାରେ କଷ୍ଟସାଧ୍ୟ ହୋଇ ପଡିବାରୁ ତାକୁ ବ୍ଲାଷ୍ଟ କରାଯାଇ ପାରିନଥିବା ଜଣାପଡିଛି । ଫଳରେ ମାଟି ତଳର ବାସ୍ତବତା ଜାଣିବା ଆଶା ଧିରେ ଧିରେ କ୍ଷୀଣ ହେବାରେ ଲାଗିଛି। ଅନ୍ୟପଟେ ଶ୍ୱଶୁରଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଥିବା ବେଳେ ସୋମବାର ଜ୍ୱାଇଁର ମୃତଦେହ ଠାବ ହୋଇଥିଲା। ମୃତଦେହ ଦେଖା ଯାଇଥିଲେ ବି ମାଟି କାଦୁଅରେ ପୋତି ହୋଇ ରହିଥିବାରୁ ଆଜି ଉଦ୍ଧାରକାରୀ ଟିମ ବାହାର କରିଥିଲେ। ରବିବାର ରବି ମଲ୍ଲିକଙ୍କ ମୃତଦେହ ଠାବ ହୋଇଥିବା ବେଳେ ଗତକାଲି ଠାବ ହୋଇଥିବା ମୃତଦେହ ଟି ତାଙ୍କ ଜ୍ୱାଇଁ ରାଇକିଆ ବ୍ଲକ ମାଣିକେଶ୍ୱରୀ ପଞ୍ଚାୟତର ପାଙ୍ଗାମାହା ନିକଟ ଗିଦିଙ୍ଗିଆର ଦେବରାଜ ପ୍ରଧାନଙ୍କ ପୁଅ ସମ୍ମାନ ପ୍ରଧାନ ବୋଲି ଜଣାପଡିଛି ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସମାବେଶୀକରଣ ଶିବିର

ଭୁବନେଶ୍ୱର,୪।୧୧(ନି.ପ୍ର):ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗ ପକ୍ଷରୁ ୨୧.୧୦.୨୦୨୬ ରୁ ୩୧.୧୨.୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଆର୍ଥିକ ସମାବେଶୀକରଣ ଅଭିଯାନ ଅନ୍ତର୍ଗତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅଳରପୁର ଶାଖା ଅଧୀନରେ ୦୩.୧୧.୨୦୨୬ ତାରିଖରେ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତଠାରେ ଏକ ଆର୍ଥିକ ସମାବେଶୀକରଣ ଶିବିର ଆୟୋଜନ କରାଯାଇଥିଲା।ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ସିବି ମାଥ୍ୟୁସ୍, ଆରବିଆଇର ଏଓଡଉ ମହାପ୍ରବନ୍ଧକ ଶୁଭ୍ରାଂଶୁ କୁମାର ରାଉତ, ଗଙ୍ଗଇ ଆବାହକ ପ୍ରଣବ କୁମାର ବିଶ୍ୱାସ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅଧକ୍ଷ ଋଷି ସିଂହ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଉପମହାପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରମାଲତା ନାୟକ, ୟୁକୋ ବ୍ୟାଙ୍କର ବରିଷ୍ଠ ଅଧିକାରୀବୃନ୍ଦ ଏବଂ ଅଗ୍ରଣୀ ଜିଲ୍ଲା। ପ୍ରବନ୍ଧକ (ଲିଡ୍ ବ୍ୟାଙ୍କ) ଉପସ୍ଥିତ ଥିଲେଛ। ଶିବିରରେ ଉପସ୍ଥିତ ଜନସାଧାରଣଙ୍କୁ ବ୍ୟାଙ୍କ ଖାତାର ପୁନଃ ଆଧାର ସଂଯୋଗ, ନୋମିନେସନ୍ ସୁବିଧା ଏବଂ ସାଇବର ଠକେଇରୁ ସୁରକ୍ଷିତ ରହିବା ସମ୍ପର୍କରେ ସଚେତନ କରାଯାଇଥିଲା।।ଏଥିସହ ନିଷ୍କ୍ରି

କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ଆକାଶ ଦାସନାୟକଙ୍କ ନିର୍ଦ୍ଦେଶ

ଯାଜପୁର,୪।୧୧(ନି.ପ୍ର): କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଧାୟକ ଆକାଶ ଦାସନାୟକ ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା କରିବା ସହ ଅଞ୍ଚଳର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ଆଲୋଚନା କରି ବିଧାୟକ ଦାସନାୟକ କର୍ମଚାରୀ ନିଯୁକ୍ତି, ନୂତନ ଉପସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୧୫ ଦିନ ମଧ୍ୟରେ ହସ୍ତାନ୍ତର କରିବା, ନୂଆ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ସୁରକ୍ଷା ଦୃଷ୍ଟିରୁ ଉପସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ପାଚେରୀ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଅନୁପଯୁକ୍ତ ଆମ୍ବୁଲାନ୍ସଗୁଡ଼ିକୁ ବଦଳାଇ ନୂତନ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଘାଟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ମାତ୍ରେ ଠିକାଦାର ମାନଙ୍କୁ ଆସନ୍ତା ଜୁନ୍ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନୋଟିସ ଦେବା, ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ କରିବା ଓ ପିଚୁ ରାସ୍ତା କାମ ତୁରନ୍ତ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସରକାରୀ ସୌଧ ନିର୍ମାଣ କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ତ୍ୱରାନ୍ୱିତ କରିବା, ବ୍ୟାସନଗର ଷ୍ଟାଡିୟମର ପାଚେରୀ ନିର୍ମାଣ ଓ ଇନଡୋର ଷ୍ଟାଡିୟମରେ ସ୍ୱିମିଂ ପୁଲ୍ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ଓ ପରିମଳ ବିଭାଗର ସୌରଶକ୍ତି ପ୍ରକଳ୍ପର ଅଗ୍ରଗତି, ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଆକ୍ରମଣରୁ ସୁରକ୍ଷା ପାଇଁ ବ୍ୟାରିକେଡ୍ ନିର୍ମାଣ ଓ ନୂତନ ନଳକୂପ ସର୍ଭେ ଏବଂ ରାସ୍ତା ଖୋଳାଯିବା ପରେ ତୁରନ୍ତ ମରାମତି କରିବାକୁ କହିଥିଲେ। ଜଳସେଚନ ବିଭାଗର ମାଥୁରାପୁର ସ୍ୱିଚ୍ ଗେଟ୍ର ସ୍ଥିତି, ଲିଫ୍ଟ ଜଳସେଚନ ବିଭାଗର ଅଚଳ ପ୍ରକଳ୍ପର ପୁନରୁଦ୍ଧାର ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ଚେକ୍‌ଡ୍ୟାମ୍ ସମ୍ପର୍କରେ ବିଧାୟକ ପଚାରି ବୁଝିଥିଲେ। କୋରେଇ ଏବଂ ରସୁଲପୁର ବିଡ଼ିଓ ମାନଙ୍କ ସହ ଆଲୋଚନା କରି ବିଧାୟକ ଦାସନାୟକ ପ୍ରକଳ୍ପ ଗୁଡ଼ିକର ନିୟମିତ ସମୀକ୍ଷା, କଲ୍ୟାଣ ମଣ୍ଡପ ନିର୍ମାଣ ଶେଷ କରିବା, ଭିବି ଜି ରାମ ଜି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା, ସ୍ଥାନୀୟ ହାଟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ଅନୁସାରେ ରାସନ ଦୋକାନୀ ମାନଙ୍କର ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାସନଗର ପୌରପାଳିକାର ସାଧାରଣ ବିକ୍ରେତା ଓ ପନିପରିବା ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ବିଭାଗକୁ ନିଶା ନିବାରଣ ପାଇଁ ସ୍ୱତନ୍ତ୍ର ଡ୍ରଗ୍ସ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା ସହ ରାତି ୧୦ଟା ସୁଦ୍ଧା ମଦ ଦୋକାନ ବନ୍ଦ କରିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାସହ ଯୋଗାଣ ବିଭାଗର ଡିଲର ପଦବୀ ଓ ରାସନ କାର୍ଡ ଯାଞ୍ଚ, ଟ୍ରାନ୍ସଫର୍ମର ଓ ପାଣିକୋଇଲିଠାରେ ଡିଜିଟାଲ୍ ଗ୍ରୀଡ୍ ସ୍ଥାପନ ନେଇ ବିଦ୍ୟୁତ ବିଭାଗର କାର୍ଯ୍ୟ, ଜଙ୍ଗଲ ବିଭାଗର ବଜେଟ୍, ଏବଂ କୃଷି ଓ ଉଦ୍ୟାନ କୃଷି ବିଭାଗର ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ଓ ସେମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ।

ଦୁଇଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୪।୧୧(ନି.ପ୍ର): ଆଗାମୀ ଜନଗଣନା କାର୍ଯ୍ୟକୁ ସଠିକ୍, ସୁବ୍ୟବସ୍ଥିତ, ନିର୍ଭୁଲ ଓ ସମୟାନୁବର୍ତ୍ତୀ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ପର୍ଯ୍ୟାୟ-୨ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନଭେମ୍ବର ୦୩ ଓ ୦୪ ତାରିଖରେ ଡେରାବିଶ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ (ଜନଗଣନା) ହେମନ୍ତ କୁମାର ସିଂହ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହିତ ରଶ୍ମିରଞ୍ଜନ ମାଣିକ, ସିଦ୍ଧାର୍ଥ ବେହେରା ଓ ସମାପ୍ତି ସେନ ମଧ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନାର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକମାନେ ଜନଗଣନାର ଉଦ୍ଦେଶ୍ୟ, ବିଭିନ୍ନ ପର୍ଯ୍ୟାୟରେ ଅନୁସରଣୀୟ ପ୍ରକ୍ରିୟା, କାର୍ଯ୍ୟପଦ୍ଧତି ଓ ଅଧିକାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଜନଗଣନା କାର୍ଯ୍ୟରେ ନିର୍ଭୁଲ ତଥ୍ୟ ସଂଗ୍ରହ, ତଥ୍ୟର ଗୁଣବତ୍ତା ରକ୍ଷା ଏବଂ ନିର୍ଦ୍ଧାରିତ ନିୟମାବଳୀର ଅନୁପାଳନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଡେପୁଟି କଲେକ୍ଟର (ଜନଗଣନା)ସରୋଜ କୁମାର ବେହେରା ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ଚାର୍ଜ ଅଧିକାରୀ, ଜନଗଣନା କାର୍ଯ୍ୟ ସହ ଜଡ଼ିତ ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ତଥା ବୈଷୟିକ ସହାୟକମାନେ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣରେ ଜନଗଣନାର ବିଭିନ୍ନ ପ୍ରକ୍ରିୟା, କ୍ଷେତ୍ରସ୍ତରୀୟ କାର୍ଯ୍ୟର ଯୋଜନା ଓ ପରିଚାଳନା, ତଥ୍ୟ ସଂଗ୍ରହ ଏବଂ ଯାଞ୍ଚ, ନିର୍ଦ୍ଧାରିତ ଫର୍ମ ଓ ନିର୍ଦ୍ଦେଶାବଳୀର ସଠିକ୍ ଉପଯୋଗ, ବୈଷୟିକ ପ୍ରଣାଳୀର ବ୍ୟବହାର ଓ କାର୍ଯ୍ୟ ସମ୍ପାଦନ ସମୟରେ ଦେଖାଦେଉଥିବା ସମ୍ଭାବ୍ୟ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି, ଜନଗଣନା କାର୍ଯ୍ୟରେ ନିୟୋଜିତ ଚାର୍ଜ ଅଧିକାରୀମାନଙ୍କ ଭୂମିକା ଓ ଦାୟିତ୍ୱ, କ୍ଷେତ୍ରସ୍ତରରେ କାର୍ଯ୍ୟର ସୁପରିଚାଳନା, ଅଧସ୍ତନ କର୍ମଚାରୀଙ୍କ ସହ ସମନ୍ୱୟ, ତଥ୍ୟର ସଠିକତା ନିଶ୍ଚିତ କରିବା ଏବଂ ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପାଦନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ପ୍ରଶିକ୍ଷଣରେ ଅଂଶ ଗ୍ରହଣକାରୀମାନଙ୍କ ବିଭିନ୍ନ ସନ୍ଦେହ ଓ ପ୍ରଶ୍ନର ସମାଧାନ କରାଯିବା ସହ ଜନଗଣନା ସମ୍ପର୍କିତ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆବଶ୍ୟକୀୟ ମାର୍ଗଦର୍ଶନ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଜନଗଣନା କାର୍ଯ୍ୟର ବିଭିନ୍ନ ପଦ୍ଧତି, ନିୟମାବଳୀ ଓ କ୍ଷେତ୍ରସ୍ତରୀୟ ଦାୟିତ୍ୱ ସମ୍ପର୍କରେ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ହାସଲ କରିଥିଲେ। ଜନଗଣନା କେବଳ ଜନସଂଖ୍ୟା ଗଣନାରେ ସୀମିତ ନୁହେଁ ଏହା ଦେଶର ଯୋଜନା ପ୍ରସ୍ତୁତ, ଉନ୍ନୟନମୂଳକ କାର୍ଯ୍ୟକ୍ରମର ରୂପାୟଣ, ସମ୍ବଳର ସୁବଣ୍ଟନ ଏବଂ ଭବିଷ୍ୟତର ନୀତି ନିର୍ଦ୍ଧାରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ତେଣୁ ଏହି ଜାତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଫଳତା ପାଇଁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ଦାୟିତ୍ୱବୋଧ ଓ ସମନ୍ୱୟର ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଇଛି।

ପ୍ରସନ୍ନ କୁମାର ମହାପାତ୍ର ଜୁଡ଼ୋ ଜୁଏଲ୍ ଆୱାର୍ଡରେ ସମ୍ମାନିତ, ମାନପତ୍ର ସହ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୪।୧୧(ନି.ପ୍ର): ପାରା ଜୁଡ଼ୋ ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରର ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର କଲ୍ଲେକ୍ସଠାରେ ଜୁଡ଼ୋ ଜୁଏଲ୍ ଆୱାର୍ଡ ସମାରୋହ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରସନ୍ନ କୁମାର ମହାପାତ୍ରଙ୍କୁ ଚଳିତ ବର୍ଷର ସମ୍ମାନଜନକ ଜୁଡ଼ୋ ଜୁଏଲ୍ ଆୱାର୍ଡ ପ୍ରଦାନ କରାଯାଇଛି। ବୁଧବାର ଅପରାହ୍ନ ୧୨ଟା ୩୦ ମିନିଟ୍ରେ ପାରା ଜୁଡ଼ୋ ଓଡ଼ିଶାର ଉପଦେଷ୍ଟା ତଥା ବରିଷ୍ଠ ସିନେ ତାରକା ଅମୀୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶ୍ରୀମନ୍ଦିର ସେବାୟତ ତଥା ପ୍ରାକ୍ତନ ଓଡ଼ିଶା ଆମେଚର ଜୁଡ଼ୋ ଆସୋସିଏସନ୍ର ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରସନ୍ନ କୁମାର ମହାପାତ୍ରଙ୍କୁ ମାନପତ୍ର, ଜୁଡ଼ୋ ଜୁଏଲ୍ ଆୱାର୍ଡ ଓ ୨୫ ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଉତ୍ସବରେ ବିଶିଷ୍ଟ ଜୁଡ଼ୋ ପ୍ରଶିକ୍ଷକ ତଥା ଜାପାନର କୋଦୋକାନ୍ରୁ ବ୍ଲାକ୍ ବେଲ୍ଟଧାରୀ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଜୁଡୋ ଖେଳାଳି ଶରତ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପାରା ଜୁଡ଼ୋ ଓଡ଼ିଶାର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଜ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ରାଇରଙ୍ଗପୁର ମହାବିଦ୍ୟାଳୟକୁ ପୂର୍ଣ୍ଣ ସରକାରୀ ମାନ୍ୟତା ସହ ୪ ଦଫା ଦାବି ରଖିଲା ମାସ ସଂଗଠନ

୨୦୨୬-୨୮ ଶିକ୍ଷାବର୍ଷରୁ ପିଜି ପାଠ୍ୟକ୍ରମ ଓ ସାନ୍ତାଳୀ ଅନର୍ସ ଖୋଲିବାକୁ ଦାବି

ରାଇରଙ୍ଗପୁର,୪।୧୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଉଚ୍ଚଶିକ୍ଷା ବ୍ୟବସ୍ଥାର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୪ ଦଫା ଦାବି ଉପସ୍ଥାପନ କରାଯାଇଛି। ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବାମନଘାଟି ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୧୯୬୩ ମସିହାରେ ପ୍ରତିଷ୍ଠିତ ରାଇରଙ୍ଗପୁର ମହାବିଦ୍ୟାଳୟ ଦୀର୍ଘ ୬୩ ବର୍ଷ ଧରି ଅଞ୍ଚଳର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଆସୁଛି। ତେବେ ଏତେ ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୂର୍ଣ୍ଣ ସରକାରୀ ମାନ୍ୟତା ନମିଳିବା ଦୁଃଖର ବିଷୟ ବୋଲି ସଂଗଠନ ପ୍ରକାଶ କରିଛି। ସେହିପରି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଚାଲୁଥିବା ସେଲ୍ଫ ଫାଇନାନ୍ସ ବିଭାଗଗୁଡ଼ିକୁ ସରକାରୀକରଣରେ ସାମିଲ କରିବାକୁ ଦାବି ହୋଇଛି। ଏହାଦ୍ୱାରା ଗରିବ, ଆଦିବାସୀ ଓ ଆର୍ଥିକ ଅନଗ୍ରସର ପରିବାରର ଛାତ୍ରଛାତ୍ରୀମାନେ କମ୍ ଖର୍ଚ୍ଚରେ ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି ମାସା ସଂଗଠନ ମତ ପ୍ରକାଶ କରିଛି। ଏଥିସହ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ଖୋଲିବାକୁ ଦାବି କରାଯାଇଛି। ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀ ନିଜ ମାତୃଭାଷାରେ ଉଚ୍ଚଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇବେ ଏବଂ ଭାଷା ଓ ସଂସ୍କୃତିର ସୁରକ୍ଷା ହୋଇପାରିବ। ଅନ୍ୟପକ୍ଷରେ ରାଇରଙ୍ଗପୁର ମହାବିଦ୍ୟାଳୟରେ ୨୦୨୭-୨୮ ଶିକ୍ଷାବର୍ଷରୁ ଆବଶ୍ୟକୀୟ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମ ଆରମ୍ଭ କରିବାକୁ ସଂଗଠନ ଦାବି ରଖିଛି। ବର୍ତ୍ତମାନ ଉଚ୍ଚଶିକ୍ଷା ପାଇଁ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରାୟ ୧୦୦ କିଲୋମିଟର କିମ୍ବା ତାଠାରୁ ଅଧିକ ଦୂରକୁ ଯିବାକୁ ପଡୁଥିବାରୁ ଅନେକ ଗରିବ ଛାତ୍ରଛାତ୍ରୀ ଆର୍ଥିକ ଅସୁବିଧା ଯୋଗୁଁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ମାସା ସଂଗଠନ ପକ୍ଷରୁ ରଖାଯାଇଥିବା ମୁଖ୍ୟ ୪ଟି ଦାବି ହେଲା, ରାଇରଙ୍ଗପୁର ମହାବିଦ୍ୟାଳୟକୁ ପୂର୍ଣ୍ଣ ସରକାରୀ ମାନ୍ୟତା, ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ସେଲ୍ଫ ଫାଇନାନ୍ସ ବିଭାଗର ସରକାରୀକରଣ, ସମସ୍ତ ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ଖୋଲିବା ଏବଂ ୨୦୨୭-୨୮ ଶିକ୍ଷାବର୍ଷରୁ ରାଇରଙ୍ଗପୁର ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବା। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଉଚ୍ଚଶିକ୍ଷାର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ସଂଗଠନ ଦାବି କରିଛି। ଏହି ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ପଦକ୍ଷେପ ନିଆଯିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ଶିଶୁଙ୍କ ପ୍ରତିଭାକୁ ବିକଶିତ କରେ ସୁରଭି

ଖୁଣ୍ଟା,୪।୧୧(ନି.ପ୍ର): ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଖୁଣ୍ଟା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଆରସିସି କୁଳମଣି ନାଏକଙ୍କ ତତ୍ତ୍ୱାବଧାନରେ ମୋଟ ୧୨ ଟି କ୍ଲଷ୍ଟରର ଚାରି ଶହରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକକୁ ନେଇ ଚିତ୍ରାଙ୍କନ, ବିତର୍କ, ପ୍ରବନ୍ଧ, ସଂଗୀତ, ନୃତ୍ୟ, କୁଇଜ, ସୃଜନଶୀଳ ଲିଖନ ପ୍ରଭୃତି ମୋଟ ୩୧ ଟି ବିଭାଗ ଉପରେ ପ୍ରତିଯୋଗିତା ହୋଇଥିବା ବେଳେ ଏଥିରେ ୯୩ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥି ମଧ୍ୟରୁ ମୋଟ ୩୧ ଜଣ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ବ୍ଲକ ଶିକ୍ଷା ଅଧିକାରୀ ନିତିଶ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡିଓ ପୃଥିରାଜ ପରିଡା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହିମାଂଶୁ ମଣ୍ଡୁଆଳ, ଏବିଇଓ ପଦ୍ମଲୋଚନ ଦାସ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା ଯୋଗ ଦେଇ ସୁରଭି ଶିଶୁଙ୍କ ପ୍ରତିଭାକୁ ବିକଶିତ କରେ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ପଦ୍ମିନୀ ପାଢୀ ଧନ୍ୟବାଦ ଦେଇଥିଲେ। ସେହିପରି ଉଦଯାପନୀ ଉତ୍ସବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡେଇ ମୁଖ୍ୟ ଅତିଥି ଭାବେ ଯୋଗ ସକରାତ୍ମକ ଚିନ୍ତାରେ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳେ ବୋଲି ମତବ୍ୟକ୍ତ କରିବା ସହ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିବରଣୀ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା ଯୋଗ ଦେଇଥିଲେ। ବିଇଓ ନିତିଶ କୁମାର ଘୋଷ ସଭାପତିତ୍ୱ କରିଥିଲେ। ଦୁଇ ଅଧିବେଶନକୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କ୍ଲଷ୍ଟର ର ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୩ ଦଫା ଦାବି ନେଇ ବ୍ଲକ ସମ୍ମୁଖରେ ଆମରଣ ଅନଶନ

ଜଗତସିଂହପୁର,୪।୧୧(ନି.ପ୍ର):ଏରସମା ବ୍ଲକ ସମ୍ମୁଖରେ 'ଏରସମା ବଞ୍ଚାଅ -ଏରସମା ବଦଳାଅ ' କମିଟିର ଆବାହକ ଅଭିଜିତ ସାହୁଙ୍କ ନେତୃତ୍ୱରେ ୩ ଦଫା ଦାବୀରେ ଆମରଣ ଅନଶନ ଆରମ୍ଭ କରାଯାଇଛି । ଏରସମା ବ୍ଲକରେ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଉଥିବା ହିତାଧିକାରୀମାନଙ୍କର ବକେୟା ଭତ୍ତା ରାଶି ତୁରନ୍ତ ପ୍ରଦାନ, ଅନ୍ତଦ୍ୟୋୟ ଗୃହ ଯୋଜନାରେ ଘର ପାଇଥିବା ହିତାଧିକାରୀମାନଙ୍କୁ ଭିବିଜିଆରଏଏମଜି ଯୋଜନା ମାଧ୍ୟମରେ ପାଇବାକୁ ଥିବା ସହାୟତା ରାଶି ତୁରନ୍ତ ପ୍ରଦାନ ଓ ଜିରାଇଲୋ ପଞ୍ଚାୟତ ରାଧାପଦ୍ମ ଉ.ପ୍ରା ବିଦ୍ୟାଳୟରେ ଗତ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲି ଥିବା ବିଜ୍ଞାନ ଶିକ୍ଷକ ପଦବୀ ତୁରନ୍ତ ପୂରଣ ସହିତ ଏରସମା ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ଦାବିରେ ଅଭିଜିତ ସାହୁ, କୃଷ୍ଣଚନ୍ଦ୍ରପୁର ପୂର୍ବତନ ସରପଞ୍ଚ ବଲ୍ଲଭାନନ୍ଦ ସ୍ୱାଇଁ, ଜିରାଇଲୋ ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ଗଡ଼ବିଶୁନପୁରର ଯୁବ ନେତା କାହ୍ନୁ ଚରଣ ସେନାପତି ଆମରଣ ଅନଶନରେ ବସିଛନ୍ତି । ଅନଶନ ପୂର୍ବରୁ ଶତାଧିକ ଲୋକଙ୍କର ଏକ ବିଶାଳ ପଟୁଆର ଏରସମା ବଜାର ପରିକ୍ରମା କରିବା ପରେ ବ୍ଲକ ସମ୍ମୁଖରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ଅନଶନକାରି ମାନଙ୍କ ସହିତ ପୂର୍ବତନ ବ୍ଲକ ଅଧକ୍ଷ ଦ୍ୱିଜରାଜ ଦାସ, ଜିରାଇଲୋ ସରପଞ୍ଚ ଭାରତୀ ସାହୁ, ପଇଦା ସରପଞ୍ଚ ଦିପ୍ତୀରାଣୀ ପ୍ରଧାନ ଭିତରଅନ୍ଧାରୀ ସରପଞ୍ଚ କାଳନ୍ଦୀ ମାଝୀ, ପଲ୍ଲୀକଣ୍ଡା ସରପଞ୍ଚ ସଂଶୟ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି ଦାବୀ ପୂରଣ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ । ଯୁବ ନେତା ରଞ୍ଜନ ସେଠି, ପରେଶ ପ୍ରଧାନ, ଅଜୟ ଗାଉଣିଆ, ବିଷ୍ଣୁ ଚରଣ ନାୟକ, ଅଞ୍ଜନ ବେହେରା, ଉତ୍ତମ ହାତୀ, ସର୍ବେଶ୍ୱର ସାହୁ, ଭକ୍ତଚରଣ ବେହେରା, ଜଟାଧାରୀ ସ୍ୱାଇଁ, ନିମାଇଁ ରାଉତ, ହରିପଦ ସାହୁ, ଉତ୍ତମ ପାଇଟାଳ, ବିଜୟ ସ୍ୱାଇଁ, ହିମାଂଶୁ ପାଇଟାଳ, କାଳନ୍ଦୀ ଛାଟୋଇ, ଦୁଲ୍ଲଭ ବେହେରା, ବୈଷ୍ଣବ ସେଠି, ଶିଶିର କୁମାର ରାଉତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

କଳିଙ୍ଗ ବାଲିଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବେଦନ ପତ୍ର ଆହ୍ୱାନ

ଜଗତସିଂହପୁର,୪।୧୧(ନି.ପ୍ର):ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ଉତ୍ସବ ନଭେମ୍ବର୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ପାରାଦ୍ୱୀପ ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡିଆ ଠାରେ ମହା ସମାରୋହରେ ପାଳନ କରାଯିବ । ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ରହିଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନ ମାନେ ତା.୧୦.୧୧.୨୦୨୬ ରିଖ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିପାରିବେ । ଅନୁଷ୍ଠାନ ଦ୍ୱାରା ପୂର୍ବରୁ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ/ସଂଗୀତ)ର ଭିଡିଓ (kalingabalijatracommittee@gmail.com) ମାଧ୍ୟମରେ ପ୍ରେରଣ କରିବାକୁ ଅନୁରୋଧ। ପ୍ରକାଶ ଥାଉକି ତା.୧୦.୧୧.୨୦୨୬ ରିଖ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

ବିଜ୍ଞାନ ମେଳା ସହ କଳା ଶିବିର, ଛାତ୍ରଛାତ୍ରୀଙ୍କ ପ୍ରତିଭାର ପରିପ୍ରକାଶ

ବାରଙ୍ଗ,୪।୧୧(ନି.ପ୍ର):କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ସ୍ଥିତ ଜେ.ବି.ଏମ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ନଭେମ୍ବର ୩ ତାରିଖ ଦିନ ଜେ.ବି.ଏମ୍ ସ୍ପେକ୍ଟ୍ରମ୍-୨୦୨୬ ଅବସରରେ ବିଜ୍ଞାନ ମେଳା ଓ କଳା ଶିବିର ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶ ଲକ୍ଷ୍ୟରେ ବିଜ୍ଞାନ, ହିନ୍ଦୀ, ଇଂରାଜୀ ଏବଂ କଳାକୁ ନେଇ ଏହି ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।କାର୍ଯ୍ୟକ୍ରମରେ AI @ AI Strategist, US Company ର ଶ୍ରୀ ସିଦ୍ଧାର୍ଥ ଦାଶ ମୁଖ୍ୟ ଅତିଥି ଏବଂ ସଫ୍ଟୱେର ଇଞ୍ଜିନିୟର ଶର୍ମିଷ୍ଠା ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପରିଦର୍ଶନ କରିବା ସହ ସେମାନଙ୍କ ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାଧାରାକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ଏଥିସହ ସ୍କୁଲର ଏଭଳି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ବିଜ୍ଞାନ ମେଳାରେ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୧୦୦ରୁ ଅଧିକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିସହ ବିଭିନ୍ନ ପ୍ରକାରର ଆର୍ଟ ଓ କ୍ରାଫ୍ଟ ସାମଗ୍ରୀ ପ୍ରସ୍ତୁତ କରି ନିଜ ନିଜର କଳାତ୍ମକ ପ୍ରତିଭାର ପରିଚୟ ଦେଇଥିଲେ।ଏହି ଅବସରରେ ସ୍କୁଲର ଅଧ୍ୟକ୍ଷା ଝୁନା ପରିଡ଼ା କହିଥିଲେ ଯେ, ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ସହ ସେମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ସହିତ ପିଲାମାନଙ୍କ ଅନ୍ତର୍ନିହିତ ଗୁଣ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ଉଲ୍ଲାସ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ଏହାର ସଫଳ ଆୟୋଜନରେ ସହଯୋଗ କରିଥିଲେ।

କୃଷି ଅଧିକାରୀଙ୍କୁ ଭେଟିଲେ କୃଷକ ମୋର୍ଚ୍ଚାର ମଣ୍ଡଳ ସଭାପତି

ବାଲିକୁଦା,୪।୧୧(ନି.ପ୍ର):କୃଷିର ବିକାଶ ହେଲେ ଦେଶର ବିକାଶ ହେବ। ଏଭଳି ଲକ୍ଷ୍ୟ ନେଇ ସରକାର କୃଷିର ବିକାଶ ଲାଗି ବ୍ୟାପାକ ଯୋଜନା କରୁଛନ୍ତି, କୃଷକ ମାନଙ୍କୁ ସାର, ବିହନ ଯୋଗାଇ ଦେବା ସହିତ ରିହାତି ମୂଲ୍ୟରେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। କୃଷକ ମାନେ କିଭଳି ଉନ୍ନତ ମାନର କୃଷି କାର୍ଯ୍ୟକରି ଦୁଇ ପଇସା ରୋଜଗାର କରିବେ ସେମାନଙ୍କୁ ପରାମର୍ଶ ଦେବା ଲାଗି ଗ୍ରାମୀଣ କୃଷି କର୍ମଚାରୀ ମାନଙ୍କୁ ନିଯୁକ୍ତି ଦିଆ ଯାଇଛି। ହେଲେ କୃଷକମାନଙ୍କ ବିକାଶ ପାଇଁ ସରକାର ଯେତେ ଯୋଜନା କରୁଥିଲେବି ବାଲିକୁଦା ଅଞ୍ଚଳରେ ଅନେକ କୃଷକ ମାନଙ୍କ ପାଖରେ ସେ ସୁବିଧା ସୁଯୋଗ ପହଞ୍ଚି ପାରୁ ନ ଥିବାକୁ ନେଇ ଚାଷୀ ମାନଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଛି। ଚାଷୀ ମାନଙ୍କର ଏଭଳି ସମସ୍ୟାକୁ ନେଇ ଜିଲ୍ଲା କୃଷକ ମୋର୍ଚାର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ବାଲିକୁଦା ବ୍ଲକର କୃଷକ ମୋର୍ଚାର ଇଚ୍ଛାପୁର ମଣ୍ଡଳ ସଭାପତି ଅଜୟ ସେନାପତି, ବାଲିକୁଦା ମଣ୍ଡଳ ସଭାପତି ପୀତାମ୍ବର ସ୍ୱାଇଁ, ବୋରିକିନା ମଣ୍ଡଳ ସଭାପତି ଗଣେଶ ସ୍ୱାଇଁ, ନହରଣା ମଣ୍ଡଳ ସଭାପତି ରବୀନ୍ଦ୍ର ସେଠୀ ପ୍ରମୁଖ ଯାଇ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ସହିତ କୃଷକ ମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ସଭାପତି ମାନଙ୍କର ଅଭିଯୋଗ ଶୁଣିସାରିବା ପରେ କୃଷକ ମାନଙ୍କର ସମସ୍ୟା ସମାଧାନ ଦିଗରେ କୃଷି ଅଧିକାରୀ ଗୁରୁତ୍ୱ ଦେବେବୋଲି ସେମାନଙ୍କୁ ପ୍ରତିଶୃତି ଦେଇ ଥିବାର ବୋରିକିନା ମଣ୍ଡଳ ସଭାପତି ଗଣେଶ ସ୍ୱାଇଁ ସୂଚନା ଦେଇଛନ୍ତି ।

ଗଣିତ ଓ ରସାୟନ ବିଭାଗର ସ୍ୱାଗତ ସମାରୋହ

ହିନ୍ଦୋଳ,୪।୧୧(ନି.ପ୍ର):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହିନ୍ଦୋଳ ମହାବିଦ୍ୟାଳୟରେ ୪ ତାରିଖ ବୁଧବାର ଦିନ ଗଣିତ ଓ ରସାୟନ ବିଜ୍ଞାନ ବିଭାଗରେ ୩ ପ୍ରଥମ ବର୍ଷ ଛାତ୍ର ଛାତ୍ରୀମାନଙ୍କୁ ବିଭାଗ ପକ୍ଷରୁ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ କରାଯାଇଛି । ଉଭୟ ବିଭାଗରେ ଅନୁଷ୍ଠିତ ହୋଇଥିବା ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ନୀତି-ନିୟମ ସହିତ ନିଜକୁ ଚଳାଇବା ସହିତ ଅନୁଷ୍ଠାନର ଶୃଙ୍ଖଳାକୁ ମର୍ଯ୍ୟାଦା ପ୍ରଦାନ କରିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଗଣିତ ବିଭାଗରେ ଅନୁଷ୍ଠିତ ହୋଇଥିବା ସମାରୋହରେ ବିଭାଗୀୟ ମୁଖ୍ୟ କ୍ୟାପଟେନ୍ ଡକ୍ଟର କିଶୋର କୁମାର ପୃଷ୍ଟି ସଭାପତିତ୍ୱ କରି ମାନବ ଜୀବନର ସର୍ବଶ୍ରେଷ୍ଠ ସୁବର୍ଣ୍ଣ ଅଧ୍ୟାୟ ଛାତ୍ର ଜୀବନକୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳିଲେ ଏକ ସୁନ୍ଦର ଭବିଷ୍ୟତର ଅଧିକାରୀ ହୋଇପାରିବେ ବୋଲି ମତପୋଷଣ କରିଥିଲେ । ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧ୍ୟାପକ କୃପାସିନ୍ଧୁ ବେହେରା ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଦାୟିତ୍ୱ ପ୍ରତି ସଚେତନ ହେବାପାଇଁ ଉପାଦେୟ ପରାମର୍ଶ ଦେଇଥିଲେ । ବିଭାଗର ଅଧ୍ୟାପିକା ସୀମା ଶୁଭଦର୍ଶିନୀ ମିଶ୍ର ପ୍ରାରମ୍ଭିକ ସୂଚନା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ଭାବେ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ସଭାପତିତ୍ୱ କରି ଜାତିର ଉନ୍ନତିହିଁ ଆପଣାର ଉନ୍ନତି, ଏହାକୁ ଆଧାର କରି ଛାତ୍ରଛାତ୍ରୀ ମାନେ ଅଧ୍ୟୟନ ପ୍ରତି ଅଧିକ ଆକର୍ଷିତ ହୋଇ କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ସମାରୋହରେ ପଦାର୍ଥ ବିଜ୍ଞାନ ମୁଖ୍ୟ ଜୟନ୍ତ ନାରାୟଣ ପତି, ବିଭାଗୀୟ ଅଧ୍ୟାପକ ସୁବ୍ରତ ସ୍ମୃତି ରଞ୍ଜନ ମିଶ୍ର, ଡେମୋନେଷ୍ଟେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଭାଗର ଅଧ୍ୟାପିକା ଏଲିଶା ଖଡ଼ିରନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରସାୟନ ବିଜ୍ଞାନ ଡେମନ୍‌ଷ୍ଟ୍ରେଟରଙ୍କୁ ଅବସର ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୪।୧୧(ନି.ପ୍ର):ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ସୁଭଦ୍ରା ମହତାବ ମାହାବିଦ୍ୟାଳୟ ରଶାୟନ ବିଜ୍ଞାନ ବିଭାଗ ଡେମନ୍‌ଷ୍ଟ୍ରେଟର୍ ଶ୍ରୀମତୀ ବିଟା ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧାପିକା ଡାଃ.ସୁପ୍ରଭା ପରିଡାଙ୍କ ସଭାପତିତ୍ୱ ଏବଂ ଶିକ୍ଷକ କର୍ମଚାରୀ ସଙ୍ଘର ସଭାପତି ଅଧ୍ୟାପକ ମନମୋହନ ଖଟୁଆ ଓ ସମ୍ପାଦକ ଅଧ୍ୟାପକ ରଜନୀକାନ୍ତ ପଣ୍ଡାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ସଭାକୁ ଅଧ୍ୟକ୍ଷା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଶିକ୍ଷକ ଓ କର୍ମଚାରୀ ସଙ୍ଘ ତରଫରୁ ଶ୍ରୀମତୀ ମହାନ୍ତିଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ତାଙ୍କ ଜୀବନର ବିଭିନ୍ନ ସଫଳତା, ସୃଙ୍ଖଳିତ ବୃତ୍ତିଗତ ଜୀବନ ଓ ଉତ୍ତମ ଶିକ୍ଷାଦାନ ସମ୍ବନ୍ଧରେ ଆଲୋକପାତ କରିବା ସହ ସମସ୍ତେ ତାଙ୍କର ସୁସ୍ଥ ଓ ନୀରାମୟ ଅବସର ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଞ୍ଜନ କୁମାର ସେଠୀ, ଅଧ୍ୟାପକ ସୁଧୀର କୁମାର ଦାସ, ଅଧ୍ୟାପକ ବିଜୟ କୁମାର ପରିଡା, ଅଧ୍ୟାପକ ବଳରାମ ସ୍ୱାଇଁ, ଅଧ୍ୟାପକ ସୁବାଷ କୁମାର ବେହେରା, ଅଧ୍ୟାପିକା ଡାଃ.କବିତା ଷଡଙ୍ଗୀ, ଅଧ୍ୟାପିକା ରଶ୍ମୀତା ଦାଶ, ଅଧ୍ୟାପିକା ଅନୁସୂୟା ରାଉତରା.ଅଧ୍ୟାପକ ସୂର୍ଯ୍ୟକାନ୍ତ ମଳିକ ଓ ଅଧ୍ୟାପକ ଡାଃ ନରୋତମ ବଳଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ରଜନୀକାନ୍ତ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

ବିଦାୟ ନେଲେ ମାଆ ଗଜଲକ୍ଷ୍ମୀ : ଆଜ୍ଞାଲଡୁ ୧,୬୯,୯୬୬ ଟଙ୍କାରେ ନିଲାମ

ତାଳଚେର,୪।୧୧(ନି.ପ୍ର):ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ମାଆ ଗଜଲକ୍ଷ୍ମୀଙ୍କର ୨୯ତମ ଭସାଣି ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଗତ ଅକ୍ଟୋବର ମାସ ୨୫ ତାରିଖରୁ ଗ୍ରାମର ୧୫ଟି ମଣ୍ଡପରେ ଦୀର୍ଘ ଦଶ ଦିନ ଧରି ମାଆ ଧନଦାତ୍ରୀ ପୂଜା ପାଉଥିଲେ । ଆଜି ସକାଳେ ସମସ୍ତ ମେ ଦେଉଳଛକ ମେଲଣ ପଡ଼ିଆରେ ଏକତ୍ରିତ ହେବା ପରେ ମା'ଙ୍କ ମୃଣ୍ମୟୀ ପ୍ରତିମାଗୁଡ଼ିକୁ ବିଧି ମୁତାବକ ପୂଜାର୍ଚ୍ଚନା କରା ଯାଇଥିଲା । ଦିନ ୧୨ଟା ୩୦ ମିନିଟ ବେଳେ ମେଗୁଡିକ କ୍ରମାନ୍ୱୟରେ ପଛକୁ ପଛ ବାହାରି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ଲୋକନୃତ୍ୟ, ବ୍ୟାଣ୍ଡ ପାର୍ଟି ଓ ଆଧୁନିକ ସଂଗୀତରେ ତାଳେତାଳେ ସମଗ୍ର ଗ୍ରାମ ଉତ୍ସବ ମୁଖରିତ ହୋଇ ଉଠିଥିଲା । ପୁରୀ ରଘୁରାଜପୁରର ପ୍ରସିଦ୍ଧ କାଳୀ ନୃତ୍ୟ, କୋରାପୁଟ ଜିଲ୍ଲାର ଆଦିବାସୀ ନୃତ୍ୟ ଡେମସା, କଳାହାଣ୍ଡି ଓ ସୋନପୁରର ସିଙ୍ଗବାଦ୍ୟ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା । ମେଗୁଡିକ ଏକ ବିଶାଳ ଶୋଭାଯାତ୍ରାରେ ସମଗ୍ର ଗ୍ରାମକୁ ପରିକ୍ରମା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗୋପାଳପ୍ରସାଦ ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଗ୍ରାମର ମହିଳାମାନେ ନିଜ ଘର ସମ୍ମୁଖରେ ପ୍ରଦୀପ ପ୍ରଜ୍ଜଳନ କରି ଫୁଲ, ଚାଉଳ ବନ୍ଦାପନା କରି ମାଆ ମହାଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ । ଭସାଣି ଦେଖିବା ପାଇଁ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା । ମାତ୍ର ସନ୍ଧ୍ୟାରେ ସାମାନ୍ୟ ବର୍ଷା ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ଉତ୍ସାହରେ କୌଣସି ଫିକା ପଡ଼ି ନଥିଲା । ବିଳମ୍ବିତ ସନ୍ଧ୍ୟାରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା । ଭସାଣି ଉତ୍ସବ ସମାପନର ଅବ୍ୟାହତି ପୂର୍ବରୁ ୩ ତାରିଖ ମଙ୍ଗଳବାର ସନ୍ଧ୍ୟାରେ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମା ଗଜଲକ୍ଷ୍ମୀଙ୍କର ଆଜ୍ଞାଲଡୁକୁ ନିଲାମ କରାଯାଇଥିଲା । ଏହି ଅବସରରେ ସର୍ବାଧିକ ୧,୬୯,୯୬୬ ଟଙ୍କାରେ ନିଲାମ ଯାଇଥିଲା ।

ଭାରତର ସାମୁଦ୍ରିକ କ୍ଷେତ୍ର ବ୍ୟାପକ ପରିବର୍ତ୍ତନର ସମ୍ମୁଖୀନ ହେଉଛି: କେନ୍ଦ୍ରମନ୍ତ୍ରୀ ସୋନୋୱାଲ

ପାରାଦୀପ,୪।୧୧(ନି.ପ୍ର): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ପୁରୀରେ ଅନୁଷ୍ଠିତ ଏକ ପରାମର୍ଶଦାତା କମିଟି ବୈଠକରେ କହିଛନ୍ତି ଯେ ସରକାର ୨୦୪୭ ସୁଦ୍ଧା ଭାରତର ମାଲ ପରିବହନରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳପଥ ପରିବହନ ଅଂଶକୁ ୬% ରୁ ୧୨% କରିବାକୁ ଏବଂ ୧୦ ଲକ୍ଷ ସମୁଦ୍ର କ୍ରୁଜ୍ ଯାତ୍ରୀଙ୍କୁ ଆକର୍ଷିତ କରିବାକୁ କାର୍ଯ୍ୟ କରୁଛନ୍ତି। ପୁରୀ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଦ୍ୱାରା ଓଡ଼ିଶା ସରକାରଙ୍କ ସହଭାଗୀତାରେ ବିକଶିତ କରାଯିବ।ଏହି ପ୍ରକଳ୍ପ ୧୫୦୦ କୋଟି ଟଙ୍କା ବ୍ୟୟରେ ବିକଶିତ ହେବାର ସମ୍ଭାବନା ଅଛି।

ସୂଚନା ଯୋଗ୍ୟ ଯେ କେନ୍ଦ୍ରମନ୍ତ୍ରୀ ସୋନୋୱାଲ ଉପକୂଳ ଏବଂ କ୍ରୁଜ୍ ଜାହାଜ ଚଳାଚଳକୁ ସୁଦୃଢ଼ କରିବା ପାଇଁ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠା

ଗଞ୍ଜେଇ ସହ ଟଙ୍କା, ସୁନା ଓ ରୁପା ଅଳଙ୍କାର ଜବତ, ୩ ଗିରଫ

ହାଟଡିହି,୪।୧୧(ନି.ପ୍ର): ନିଶା କାରବାର ବିରୋଧରେ ନନ୍ଦିପଦା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସ ପେଟ୍ରୋଲିଂ ସମୟରେ ହାଟଡିହି ତହସିଲ ରାସ୍ତାରେ ଚଢ଼ାଉ କରି ୨୧ କିଲୋ ଗଞ୍ଜେ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ନଗଦ ଟଙ୍କା, ସୁନା ଓ ରୁପା ଅଳଙ୍କାର ସମେତ ଗୋଟିଏ ଇଲେକ୍ଟ୍ରିକ୍ ଯାନ ଜବତ କରାଯାଇଛି। ସୂଚନା ଅନୁଯାୟୀ, ହାଟଡିହି ତହସିଲ ରାସ୍ତା ଦେଇ ଗଞ୍ଜେ ଚାଲାଣ ହେଉଥିବା ନେଇ ନନ୍ଦିପଦା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ପୋଲିସ ଆଜି ବଡି ଭୋର ସମୟରେ ଉକ୍ତ ରାସ୍ତାରେ ପେଟ୍ରୋଲିଂକୁ ଜୋରଦାର କରିବା ସହ ସନ୍ଦେହଜନକ ଯାନବାହନ ଉପରେ ନଜର ରଖିଥିଲା। ଏହି ସମୟରେ ଏକ ସ୍କୁଟି ଯୋଗେ ଗଞ୍ଜେ ନେଇ ଯାଉଥିବା ଜଣେ ଯୁବକଙ୍କୁ

ପୋଲିସ ଅଟକାଇ ଯାଂଚ କରିଥିଲା। ଯାଂଚ ବେଳେ ତାଙ୍କ ନିକଟରୁ ଗଞ୍ଜେ ମିଳିବା ପରେ ପୋଲିସ ତାଙ୍କୁ ଧରିଥିଲା। ପରବର୍ତ୍ତି ସମୟରେ ଉକ୍ତ ଯୁବକଙ୍କ ଠାରୁ ମିଳିଥିବା ବୟାନ ଓ ସୂଚନା ଆଧାରରେ ଏହି ନିଶା କାରବାରରେ ସଂପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ପୋଲିସ ଧରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରେ ତଦ' କରିବା ସମୟରେ ନଗଦ ୩ ଲକ୍ଷ ୯୩ ହଜାର ଟଙ୍କା, ପ୍ରାୟ ୭୦ ଗ୍ରାମ ସୁନା ଅଳଙ୍କାର, ୨୬୦ ଗ୍ରାମ ରୁପା ଅଳଙ୍କାର ଏବଂ ଗୋଟିଏ ଇଲେକ୍ଟ୍ରିକ୍ ଯାନ ଜବତ କରାଯାଇଥିବା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ଘଟଣାରେ ଜଳକଳଙ୍ଗ ଗ୍ରାମର ଜଗନ୍ନାଥ ମଲ୍ଲିକ, ବଡତିରା ଗ୍ରାମର ପ୍ରକାଶ ନାୟକ ଓ ସନ୍ୟାସୀ ଚରଣ ନାୟକଙ୍କୁ ଗିରଫ କରିଛି। ତେବେ ଅନ୍ୟ କେତେଜଣ ଫେରାର ହୋଇ ଯାଇଛନ୍ତି ବୋଲି ସେ କହିଛନ୍ତି। ଏହି ଚଢ଼ାଉରେ ମୋଟ ୨୧ କିଲୋ ଗଞ୍ଜେ ସହ ଲକ୍ଷାଧିକ ଟଙ୍କାର ନଗଦ ଅର୍ଥ ଓ ସୁନାରୁପା ଅଳଙ୍କାର ଜବତ ହେବା ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି। ଗଞ୍ଜେ କାରବାରର ଚେର କେଉଁଠିକୁ ଲମ୍ବିଛି ଏବଂ ଏହା ପଛରେ ଆଉ କେଉଁମାନଙ୍କ ସଂପୃକ୍ତି ରହିଛି, ସେନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏ ସଂପର୍କରେ ନନ୍ଦିପଦା ଥାନାରେ ୩୯୪/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି, ଇନ୍ସପେକ୍ଟର ବଳିଆ ବାରିକ, ଏସ୍ଆଇ ବିନିତା ଲାକ୍ରା, ଏସ୍ଆଇ ତ୍ରିପୁରା ସୁନ୍ଦରୀ ସେଠୀ ପ୍ରମୁଖ ସାମିଲ ଥିଲେ। ନିଶା କାରବାର ରୋକିବା ଦିଗରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି।

ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ପକ୍ଷରୁ

ପଦ୍ମଶ୍ରୀ ପ୍ରଫେସର ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଡେଲାଙ୍ଗ,୪।୧୧(ନି.ପ୍ର): ଅତ୍ୟନ୍ତ ଦୁଃଖ ଓ ବେଦନାର ସହ, ଆମେ ଏମ୍ସ, ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ, ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ ମହାପାତ୍ରଙ୍କ ଦୁଃଖଦ ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଛୁ। ସେ ଜଣେ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞ ଥିଲେ। ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓଡ଼ିଶା ତଥା ସମଗ୍ର ଦେଶ ପାଇଁ ଗର୍ବ ଓ ସମ୍ମାନ ଆଣିଦେଇଥିଲା। ତାଙ୍କର ଅସାଧାରଣ ସଫଳତା, ମାନବିକତା ପ୍ରତି ସମର୍ପଣ ଭାବ ଏବଂ ସମାଜ ପାଇଁ ତାଙ୍କର ଅମୂଲ୍ୟ ସେବା ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କର ଅସାଧାରଣ ସଫଳତା, ମାନବିକତା ପ୍ରତି ସମର୍ପଣ ଭାବ ଏବଂ ସମାଜ ପାଇଁ ତାଙ୍କର ଅମୂଲ୍ୟ ସେବା ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

ତାଙ୍କର ଉଲ୍ଲେଖନୀୟ ସଫଳତା, ମାନବତା ପ୍ରତି ସମର୍ପଣ ଏବଂ ସମାଜ ପ୍ରତି ଅମୂଲ୍ୟ ସେବା ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣା ହୋଇ ରହିବ।ତାଙ୍କର ବିୟୋଗ ଚିକିତ୍ସା ଜଗତ ଏବଂ ସମଗ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ର



ପାଇଁ ଏକ ଅପୂରଣୀୟ କ୍ଷତି। ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର' ଡେଲାଙ୍ଗ ପକ୍ଷରୁ, ଆମେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ନିକଟରେ ଗଭୀର ସମବେଦନା ଜଣାଉଛୁ ଏବଂ ଦିବଂଗତ ଆତ୍ମାର ଚିରଶାନ୍ତି ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଜେଇଙ୍କ ପ୍ରତିଶ୍ରୁତି, କେନ୍ଦୁଆପଡ଼ାରେ ବସିବ ସୋଲାର

ପାଟଣା,୪।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା। ପାଟଣା ବ୍ଲକ କେନ୍ଦେଇପଶି ପଂଚାୟତ ଅର୍ନ୍ତଗତ କେନ୍ଦୁଆପଡ଼ା ଗ୍ରାମରେ ସୋଲାର ଚାଳିତ ପାଣି ପ୍ରକଳ୍ପ ସ୍ଥାପନକୁ ନେଇ ଗ୍ରାମବାସୀଙ୍କ ଦାବି ପରେ ବିଭାଗୀୟ ଜେଇ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟ ଗ୍ରାମଗୁଡ଼ିକରେ ବର୍ତ୍ତମାନ ସୋଲାର ସ୍ଥାପନ କାର୍ଯ୍ୟ ଚାଲିଥିବାରୁ କେନ୍ଦୁଆପଡ଼ାରେ କାମ ବିଳମ୍ବ ହୋଇଛି ବୋଲି ସେ କହିଛନ୍ତି। ତେବେ ଅଳ୍ପ ଦିନ ମଧ୍ୟରେ କେନ୍ଦୁଆପଡ଼ା ଗ୍ରାମରେ ସୋଲାର ବସାଯିବ ବୋଲି ଜେଇ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଆପଡ଼ା ଗ୍ରାମରେ ପ୍ରାୟ ୩୦୦ ଲୋକ ବସବାସ କରୁଥିବା ବେଳେ ୪ରୁ ୫ ମାସ ପୂର୍ବରୁ ସୋଲାର ପ୍ରକଳ୍ପ ପାଇଁ ବୋରିଂ କାର୍ଯ୍ୟ ଶେଷ ହୋଇଛି। ଏପରିକି ସୋଲାର ବସାଇବା ପାଇଁ ଖୁଣ୍ଟ ମଧ୍ୟ ପୋତାଯାଇଛି। ହେଲେ ଏ ପର୍ଯ୍ୟନ୍ତ ସୋଲାର ସ୍ଥାପନ ହୋଇନାହିଁ। ଫଳରେ ଗ୍ରାମବାସୀ ପାଣି ପାଇଁ ଅନ୍ୟ ସାହି ଓ ବିଦ୍ୟାଳୟ ନିକଟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏବେ ଜେଇଙ୍କ ପ୍ରତିଶ୍ରୁତି ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶା ସଂଚାର ହୋଇଛି। ତେବେ ପ୍ରତିଶ୍ରୁତି କେବେ ବାସ୍ତବ ରୂପ ନେଉଛି ଏବଂ ଗ୍ରାମବାସୀଙ୍କୁ କେବେ ନିୟମିତ ପାଣି ମିଳୁଛି, ତାହା ଦେଖିବାକୁ ବାକି ରହିଲା।

ବୁଢ଼ିକୁଦ ସୈରାତରୁ ବାଲି ଲୁଟ୍

ଆନନ୍ଦପୁର,୪।୧୧(ନି.ପ୍ର): ଆନନ୍ଦପୁର ଥାନା ବୁଢିକୁଦ ବାଲି ସୈରାତ ଅଂଚଳରୁ ବେଧଡକ ବାଲି ଚୋରା ଚଲାଣ ବେଶ ଚର୍ଚ୍ଚାକୁ ଆସିଛି । ଆନନ୍ଦପୁର ସଦରମହକୁମା ଠାରୁ ପ୍ରାୟ ୩୦ କିମି ଦୂର ବୁଢିକୁଦ ବାଲି ସୈରାତ ଉପରେ ନା ଖଣି ବିଭାଗ ନା ପୁଲିସର ନଜର ରହିଛି। ଦିନ ଦ୍ୱିପ୍ରହରରେ ଟ୍ରାକ୍ଟର ଦ୍ୱାରା ବାଲି ଚୋରା ଚାଲାଣ କରାଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଡମିଂ କରାଯିବା ଏବଂ ପରେ ଏହାକୁ ହାଇୱା ଦ୍ୱାରା ଜିଲ୍ଲା ତଥା ଜିଲ୍ଲା ବାହାର ଅଂଚଳକୁ ଚୋରା ଚାଲାଣ କରାଯିବା ବେଶ୍ ଚର୍ଚ୍ଚାକୁ ଆସିଛି । ପୁଲିସ ଓ ଖଣିବିଭାଗର ଦୃଷ୍ଟି ଆଡୁଆଜରେ ରହିଥିବା ଏହି ଆଦିବାସୀ ଅଂଚଳର ବୁଢ଼ିକୁଦ ବୈତରଣୀ ବାଲି ସୈରାତ ମାଫିଆଙ୍କ ପାଇଁ ସୋନେ ପେ ସୁହାଗା ସଦୃଶ ପରିଲକ୍ଷିତ ହୋଇଛି। ମାଫିଆମାନେ ବେଆଇନ ବାଲି ଚାଲାଣ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ମୁନାଫା କମାଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନୀ ହେବାରେ ଲାଗିଛି । ଏହା ସହିତ କୋଡପଡା ଅଂଚଳରେ ବାଲି ସୈରାତକୁ ଛାଡି ବୈତରଣୀ ନଦୀ ପଠାରେ ଠାଏ ଠାଏ ଅନେକ ବେଆଇନ ଘାଟ ପ୍ରସ୍ତୁତ କରାଯାଇ ଟ୍ରାକ୍ଟର ସହାୟତାରେ ବାଲି ଉଠାଯାଉଥିବା ମଧ୍ୟ ଚର୍ଚ୍ଚାକୁ ଆସିଛି । ଏହି ଦୁଇ ଅଂଚଳ ଉପରେ ଖଣି ବିଭାଗର କେବେ ଦୃଷ୍ଟି ପଡିବା ଭଳି ନଜରକୁ କୁ ଆସିପାରିନି, ତେବେ ଏହି ବେଆଇନ ବାଲି ଉତ୍ତୋଳନ ସରକାରୀ ରାଜସ୍ୱହାନୀ କରୁଥିବା ବେଳେ ଉଭୟ ଖଣି ବିଭାଗ ଓ ପୁଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଗଳିତ ମୃତଦେହ ଠାବ, ହତ୍ୟା ସନ୍ଦେହ

ରାମଚନ୍ଦ୍ରପୁର,୪।୧୧(ନି.ପ୍ର):କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ବରିପାଳ ପଂଚାୟତ ଚମ୍ପେଇଡାହି ଗାଁ ନିକଟସ୍ଥ ଜଙ୍ଗଲରେ ଏକ ମୃତଦେହ ପୋତା ଯାଇଥିବା ସ୍ଥାନୀୟ ଛେଳି ଚରାଳି ଦେଖିବାକୁ ପାଇଥିଲେ। ଘଟଣା ପ୍ରଘଟ ହେବା ପରେ ଘସିପୁରା ପୋଲିସ ସେହି ସ୍ଥାନରେ ପହଁଚି ମୃତଦେହ ପୋତା ଯାଇଥିବା ସ୍ଥାନକୁ ଘେରାବନ୍ଦି କରିଛି। ମୃତଦେହଟିର ଗୋଡ଼ ଦୁଇଟି ବାହାରକୁ ବାହାରି ପଡ଼ିଥିବା ବେଳେ ଏହା ଗଳିତ ମୃତଦେହ ଭଳି ଜଣା ପଡୁଛି, ଘଟଣା କିଛି ଦିନ ପୂର୍ବର ବୋଲି ଅନୁମାନ କରାଯାଉଛି। କିଏ କେଉଁ ପରିସ୍ଥିତିରେ ଏଠାରେ ମୃତଦେହ ପୋତିଛି ତାକୁ ନେଇ ଘସିପୁରା ପୋଲିସ ଅଧିକ ଖୋଳତାଡ ଆରମ୍ଭ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଳିତ ମୃତଦେହକୁ ଉଦ୍ଧାର କରି ଅଧିକ ପରିକ୍ଷା ନୀରିକ୍ଷା ପାଇଁ କେନ୍ଦୁଝର ଫରେନସିକ୍ ଲାବୋରେଟୋରୀକୁ ପଠାଇ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

ନାବାଳିକା ଅପହରଣ ଅଭିଯୋଗ ଘଟଣା

୧୨ ଦିନ ବିତିଲା, ପୋଲିସ ହାତ ଖାଲି

ରମଚନ୍ଦ୍ରପୁର,୪।୧୧(ନିପ୍ର): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସୁଆଁପଦା ହାଟ ନିକଟରୁ ଜଣେ ୧୫ ବର୍ଷୀୟା ନାବାଳୀକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ସଙ୍ଗିନ ଅଭିଯୋଗ ଅଣାଯାଇଛି। ପୀଡ଼ିତା ଜଣକ ସ୍ଥାନୀୟ ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ହାଇସ୍କୁଲର ଦଶମ ଶ୍ରେଣୀରେ ପଢୁଥିଲେ। ଆଜକୁ ପ୍ରାୟ ୧୨ ଦିନ ପୂର୍ବେ ନାବାଳୀକା ଜଣକ ପଦନା ବଜାରକୁ ଖାତା କିଣିବାକୁ ଯାଉଥିବା ସମୟରେ ସୁଆଁପଦା ହାଟ ନିକଟରୁ ଏକ ଅଜଣା ଧଳା ରଙ୍ଗର କାରରେ ଦୁଇଜଣ ବ୍ୟକ୍ତି ଆସି ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ନେଇଥିବା ତାଙ୍କ ମା'ଆ ତଅପୋଇ ଜେନା ଅଭିଯୋଗ କରିଛନ୍ତି। ଘଟଣା ପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ବହୁତ ଖୋଜାଖୋଜି କରିଥିଲେ। ଶେଷରେ ଘସିପୁରା ଥାନା ଶୈଳଙ୍ଗ ଗାଁର ବଭୂତି ଜେନା (୨୮) ଏବଂ ତାଙ୍କ ବାପା ମହେଶ୍ୱର ଜେନା (୫୨) ଏହି ଅପହରଣ ଘଟଣାରେ ସଂପୃକ୍ତ ଥିବା ବୋଲି ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ନାବାଳୀକାର ମା'ଆ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଏତଲା ଦାଏର କରିବା ପରେ ପୋଲିସ ୩୩୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେପଟେ ଥାନାରେ ମାମଲା ରୁଜୁ ହେବାର ୧୨ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏଯାଏଁ ନାବାଳୀକାଙ୍କୁ ଉଦ୍ଧାର କରିବା କିମ୍ବା ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରି ନାହିଁ ପୋଲିସର ଏପରି ଶିଥିଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ନିଖୋଜ ନାବାଳୀକାର ପରିବାର ଗଭୀର ହତାଶା ଏବଂ ଚିନ୍ତାରେ ରହିଛନ୍ତି। ସ୍ଥାନୀୟ ପୋଲିସ ଠାରୁ ନ୍ୟାୟ ନମିଳିଲେ ବାଧ ହୋଇ ଖୁବଶୀଘ୍ର ଉପଯୁକ୍ତ ନ୍ୟାୟ ଆଶାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି।

କାନଝାରୀ ଡ୍ୟାମ୍ ପାର୍କରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

କେନ୍ଦୁଝର,୪।୧୧(ନି.ପ୍ର): କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଂଚାୟତ ଚକ ଗ୍ରାମରେ ଥିବା କାନ୍ଥାରୀ ଡ୍ୟାମ ପାର୍କରେ କେନ୍ଦୁଝର ଜଳସେଚନ ବିଭାଜନ ପକ୍ଷରୁ ଆଜି ଏକ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାର୍କକୁ ସମୂହ ସଫେଇ କରାଯାଇଥିଲା। କେନ୍ଦୁଝର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଲିପିକା ଡି. କାଶ୍ୟପ,କାନ୍ଥାରୀ ଜଳସେଚନ ଉପଖଣ୍ଡ ବିଭାଜନ ର ଏସଡିଓ ଇଂ ଚତୁର୍ଭୁଜ ନାୟକ, କନିଷ୍ଠ ଯନ୍ତ୍ରୀ ଇଂ ହିରାଲାଲ ମାଝୀ, ଇଂ ସେନାପତି ନାୟକ, ଇଂ ରମେଶ ନାୟକ, ଇଂ ଲକ୍ଷ୍ମଣ କୁମାର ସିଙ୍କୁ, କୋଷାଧ୍ୟକ୍ଷ ମଂଟୁ ମୁଦୁଲିଙ୍କ ସମେତ ସମସ୍ତ କର୍ମଚାରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ପ୍ରାକୃତିକ ପର୍ଯ୍ୟଟନର ଏକ ପ୍ରକୃଷ୍ଟ କ୍ଷେତ୍ର ହେଉଛି କାନ୍ଥାରୀ ଡ୍ୟାମ୍। ପାର୍କ ପରିସରରେ ଶୀତ ଦିନରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ ହୋଇଥାଏ। ନଭେମ୍ବର, ଡିସେମ୍ବର ଏବଂ ଜାନୁୟାରୀ ମାସରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଏହି ସ୍ଥାନକୁ ଆସିଥାନ୍ତି। ନଦୀବନ୍ଧର ନିମ୍ନଭାଗରେ ଥିବା ପାର୍କକୁ ବଣଭୋଜି କରିବା ପାଇଁ ଅନେକଙ୍କୁ ଆକର୍ଷିତ କରିଥାଏ। ଶୀତଦିନେ ବଣଭୋଜି ସମୟରେ ପ୍ରବଳ ଜନସମାଗମ ହେଉଥିବାରୁ ଏହି ସ୍ଥାନକୁ ସଫେଇ କରାଯାଇଛି। ଓଡିଶାର ପର୍ଯ୍ୟଟନ ମାନଚିତ୍ରରେ କାନ୍ଥାରୀ ଡ୍ୟାମ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବେଳେ ଏଠାରେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ କାନଝାରୀ ଡ୍ୟାମ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ମତବ୍ୟକ୍ତ ହୋଇଛି। ଏଥିସହିତ ପାର୍କକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପାର୍କ ପରିସର ସଫା ଏବଂ ସୁନ୍ଦର ରଖିବାକୁ ଅନୁରୋଧ କରାଯାଇଛି।

ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

ଜାନୁଆରି ୧୭ରେ ଉଦ୍‌ଘାଟନ, ୨୪ରେ ଉଦ୍‌ଯାପନ

ରାମଚନ୍ଦ୍ରପୁର,୪।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ କ୍ରିଡା ଅନୁଷ୍ଠାନ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ସାଇଁକୁଳ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଇଁ ରାଜ୍ୟ ସ୍ତରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ନିମନ୍ତେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ସାଇଁକୁଳ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସାଇଁକୁଳର ବରିଷ୍ଠ ନାଗରିକ ତଥା ହିଙ୍ଗୁଳା ଆଥଲେଟର ସଭାପତି ଗୋପିନାଥ ସ୍ୱାଇଁଙ୍କ ସଂଯୋଜନାରେ ଚଳିତ ବର୍ଷ ରାଜ୍ୟର ବଛାବଛା ୮ଟି ଫୁଟବଲ ଦଳଙ୍କୁ ନେଇ ଜାନୁଆରୀ ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ସ୍ଥିର ହୋଇଛି। ଉକ୍ତ ବୈଠକରେ ହିଙ୍ଗୁଳା ଆଥଲେଟିକ୍ ଆସୋସିଏସନର ସଂପାଦକ ମାର୍କଣ୍ଡ ସାମଲ, ପୂର୍ବତନ ଖେଳାଳୀ ନନ୍ଦକିଶୋର ବେହେରା,ରବିନ୍ଦ୍ର ତ୍ରୀପାଠୀ, ବିନୋଦ ଜେନା, ସୁରଥ ପାତ୍ର, ବ୍ରହ୍ମାନନ୍ଦ ପଟ୍ଟନାୟକ, ଜଗବନ୍ଧୁ ପରିଡା, ଚୈତନ୍ୟ ଦେହୁରୀ, ରଙ୍ଗାଧର ସାହୁ, ବିଭାସ ଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ବେହେରା, ଆନନ୍ଦ ନାୟକ, ସମେତ ଅଂଚଳର ଅନେକ ପ୍ରାକ୍ତନ ଫୁଟବଲ ଖେଳାଳୀ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଶୁକୃଳି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଶୁକୃଳି,୪।୧୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଶୁକୃଳି ବ୍ଲକ ଅନ୍ତର୍ଗତ ପଂଚାୟତ ସମିତି ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ତହସିଲଦାର ପିନାକୀ ପାର୍ଥ ସାରଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିରସ୍ତ ଚନ୍ଦ୍ର ସିଂ ଏବଂ ପଂଚାୟତ ସମିତି ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସଭାପତି ଶରତ ଚନ୍ଦ୍ର ଘଣା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଲୁଚ୍ଛାୟିତ ପ୍ରତିଭାର ବିକାଶ ସହ ସୃଜନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ସିଂ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚ୍ଛାୟିତ ପ୍ରତିଭାର ପରିପ୍ରକାଶ ଓ ସାଂସ୍କୃତିକ ଚେତନାର ବ

ବେଦାନ୍ତ ପକ୍ଷରୁ ଝାରସୁଗୁଡ଼ାରେ ୨୦୦୦ ଚାରା ରୋପଣ

ଝାରସୁଗୁଡ଼ା, ୪।୧୧(ନିପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ପ୍ରାୟ ୨,୦୦୦ ଚାରା ରୋପଣ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ ସମୁଦାୟଙ୍କ ସହଯୋଗରେ ଆୟୋଜିତ ଏହି ପଦକ୍ଷେପରେ କମ୍ପାନୀର କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ସାମିଲ ହୋଇ ଅଞ୍ଚଳର ସବୁଜ ଆବରଣ ବୃଦ୍ଧି ଏବଂ ପରିବେଶ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସକୁ ସୁଦୃଢ଼ କରିଛନ୍ତି। ନଭେମ୍ବର ୧ ତାରିଖରେ ପାଳିତ ବିଶ୍ୱ ପରିବେଶ ଦିବସ ପରିସଂସ୍ଥାର ସୁରକ୍ଷା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସନ୍ତୁଳନ ବଜାୟ ରଖିବାର ଗୁରୁତ୍ୱକୁ ଉଜାଗର କରେ। ଏହାର ଉଦ୍ଦେଶ୍ୟ ମିଳିତ ଜାତିସଂଘର 'ପରିସଂସ୍ଥା ପୁନରୁଦ୍ଧାର ଦଶକ (୨୦୨୧ରୁ ୨୦୩୦)' ଅଭିଯାନ ସହ ସମନ୍ୱିତ, ଯାହା ପରିସଂସ୍ଥାର ଅବକ୍ଷୟକୁ ରୋକିବା ଓ ପୁନରୁଦ୍ଧାର କରିବା ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ।ଏହି ଭାବନାକୁ ଆଧାର କରି ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମକୁ ଏକତ୍ର କରାଯାଇ କର୍ମଚାରୀ, ସମୁଦାୟ ସଦସ୍ୟ ଓ ସ୍ଥାନୀୟ ଅଂଶୀଦାରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରାଯାଇଛି। ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ଭିଏଏମ୍ଏଲ୍) ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ସି. ଚନ୍ଦ୍ରୁ କହିଛନ୍ତି, ପରିବେଶ ସଂରକ୍ଷଣ ଆମ କାର୍ଯ୍ୟପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ। ସମ୍ବଳର ଦକ୍ଷ ବ୍ୟବହାର ବୃଦ୍ଧି, ସ୍ୱଚ୍ଛ ପ୍ରଯୁକ୍ତି ଆପଣାଇବାଠାରୁ ଆରମ୍ଭ କରି ଜୈବ ବିବିଧତା ସଂରକ୍ଷଣ ପର୍ଯ୍ୟନ୍ତ ଆମେ ଏହାକୁ ପ୍ରାଥମିକତା ଦେଉଛୁ। ଏହି ବ୍ୟାପକ ବୃକ୍ଷରୋପଣ ଭଳି ସ୍ଥାୟୀତ୍ୱକେନ୍ଦ୍ରିକ ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଏବଂ ଆମ ଚାରିପାଖରେ ଥିବା ସମୁଦାୟଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।ଏହି ଅବସରରେ ବେଦାନ୍ତ ଆଲୁମିନିୟମର ବିଶେଷଜ୍ଞମାନଙ୍କ ଦ୍ୱାରା କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ପାଇଁ ପରିବେଶୀୟ ସନ୍ତୁଳନ ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ ଉପରେ ବିସ୍ତୃତ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା।ଏହି ପଦକ୍ଷେପ ଝାରସୁଗୁଡ଼ା ୟୁନିଟ୍ର ବ୍ୟାପକ ଜୈବ ବିବିଧତା ଓ ସ୍ଥାୟୀତ୍ୱ ପ୍ରୟାସର ଏକ ଅଂଶ, ଯାହା ଅଞ୍ଚଳର ସବୁଜ ଆବରଣ ବୃଦ୍ଧି ଏବଂ ପରିବେଶ ସଂରକ୍ଷଣରେ ସହାୟକ ହେଉଛି।

ମିଳୁନି ଆଧାର କାର୍ଡ ଓ ଭତ୍ତା:ଦମ୍ପତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବରଗଡ, ୪।୧୧(ନିପ୍ର)ଆଧାର କାର୍ଡ ହୋଇପାରୁନଥିବାରୁ ଦୀର୍ଘଦିନ ହେଲା ସରକାରୀ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି ଝିଅ। ଅନ୍ୟପଟେ ଝିଅର ନିୟମିତ ଔଷଧ ଓ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଯାଇ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି ପରିବାର।ଏଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଚିକିନିପାଲି ଗ୍ରାମରୁ। ନିଜ ଭିନ୍ନକ୍ଷମ ଝିଅର ଆଧାର କାର୍ଡ ପ୍ରସ୍ତୁତ କରାଇବା ସହ ସରକାରୀ ଭତ୍ତା ଯୋଗାଇଦେବା ଦାବିରେ ଝିଅକୁ କୋଳରେ ଧରି ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ବାପା ଓ ମାଆ।ସବୁଠାରୁ ଦୁଃଖଦ ବିଷୟ ହେଉଛି, ଝିଅଟି ନିଜ ଗୋଡ଼ରେ ଠିଆ ହେବାକୁ ଅକ୍ଷମ। ତେଣୁ ତାକୁ ସବୁବେଳେ ବାପାମାଆଙ୍କ କୋଳରେ ରହିବାକୁ ପଡୁଛି। ତାର ଦେଖାଶୁଣା, ଔଷଧ ଓ ଚିକିତ୍ସା ପାଇଁ ପରିବାରକୁ ନିୟମିତ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ୁଛି। ସୀମିତ ଆୟ ମଧ୍ୟରେ ଏହି ସମସ୍ତ ଖର୍ଚ୍ଚ ବହନ କରିବା ପରିବାର ପାଇଁ ଦିନକୁ ଦିନ କଷ୍ଟକର ହୋଇପଡ଼ୁଛି।ପରିବାରର କହିବା ଅନୁଯାୟୀ, ଦୀର୍ଘଦିନ ଧରି ଝିଅର ଆଧାର କାର୍ଡ କରାଇବାକୁ ବିଭିନ୍ନ ସ୍ଥାନରେ ଉଦ୍ୟମ କରିଥିଲେ ମଧ୍ୟ ସଫଳତା ମିଳିନାହିଁ। ଫଳରେ ଆବଶ୍ୟକ ସରକାରୀ ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ ଏବଂ ଝିଅଟି ଭତ୍ତା ସୁବିଧାରୁ ବଞ୍ଚିତ ହୋଇ ରହିଛି।ଯଦି ସରକାରଙ୍କ ପକ୍ଷରୁ ମାସିକ ଭିନ୍ନକ୍ଷମ ଭତ୍ତା ମିଳିପାରନ୍ତା, ତେବେ ଝିଅର ଔଷଧ ଓ ଦୈନନ୍ଦିନ ଆବଶ୍ୟକତା ପୂରଣରେ କିଛିଟା ସହାୟତା ମିଳିପାରନ୍ତା ବୋଲି ଆଶା ରଖିଛନ୍ତି ପରିବାର। ଶେଷରେ ଅନ୍ୟ କୌଣସି ଉପାୟ ନପାଇ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଓ ସହାୟତା ଆଶାରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୁରକ୍ଷିତ ବଚପନ ଅଭିଯାନରେ ସଚେତନତା ରାଲି

ସୁବର୍ଣ୍ଣପୁର,୪।୧୧ ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଗିରିଜା ପ୍ରସାଦ ମହାପାତ୍ର ଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷିତ ବଚପନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । 'ହର ବଚ୍ଚା କା ବଚପନ, ହୁଆ ସବସେ ଜିମ୍ମେଦାର' ସ୍ଲୋଗାନ ସହ ଛାତ୍ରଛାତ୍ରୀମାନେ ଏକ ବିଶାଳ ସଚେତନତା ରାଲିରେ ପ୍ରଭାତ ଫେରୀରେ ବାହାରିଥିଲେ । ୨୬ ଅକ୍ଟୋବର ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ସୁରକ୍ଷିତ ଶୈଶବ ଅଭିଯାନ ପର୍ଯ୍ୟାୟ କ୍ରମେ ସୁରକ୍ଷିତ ଶୈଶବ ଅଭିଯାନ, ଏକ ପାନ ଇଣ୍ଡିଆ ବିଦ୍ୟାଳୟ ସଚେତନତା ଅଭିଯାନ, ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ ୨୦୧୨ ଉପଲକ୍ଷେ ଏହି ଆଇନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ଅଧିକାର ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଶୋଷଣ ଏବଂ ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବା । ଉକ୍ତ ରାଲି କୁ ବରିଷ୍ଠ ଦେୱାନୀ ଜଜ ସୋନପୁର ଶ୍ରୀ ଗଗନ ସାହୁ ଉଦ୍ଘାଟନ କରିଥିଲେ । ଉକ୍ତ ରାଲିରେ କିଡ଼ସ ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ଶ୍ରୀ ସୁଶାନ୍ତ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ, ସୋନପୁର ଶ୍ରୀ ପ୍ରିତିଶ କୁମାର ସାମଲ, ଶ୍ରୀ ଚନ୍ଦ୍ର ଶେଖର ଶବର, ସଦର ଉପଆରକ୍ଷୀ ଅଧିକ୍ଷକ ଜିଲ୍ଲା ପୋଲିସ ୟୁନିଟ ର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରବୀନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଚତୁର୍ଭୁଜ ଦାଶ ଯୋଗଦାନ କରିଥିଲେ ।

ହାଇସ୍କୁଲ୍‌ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲକ୍ଷ୍ମୀପୁର, ୦୪/୧୧(ନି. ପ୍ର.): ଲକ୍ଷ୍ମୀପୁର ସଦରସ୍ଥିତ ସାଙ୍ଗାନା ହାଇସ୍କୁଲ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ଶିବିରକୁ ବ୍ଲକ୍ ଅଧ୍ୟକ୍ଷା ସୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ ଓ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଉଦ୍‌ଘାଟନ କରିଥିଲେ।ଶିବିରରେ ବ୍ଲକ୍‌ର ୧୩ଟି ପଞ୍ଚାୟତରୁ ଲଗାଣ ବର୍ଷାକୁ ଖାତିର ନକରି ୧୮୦ ଜଣ ଭିନ୍ନକ୍ଷମ ହିତାଧିକାରୀ ପହଞ୍ଚି ନାମ ପଞ୍ଜୀକରଣ କରିଥିଲେ। ଏଥିପାଇଁ ପାଞ୍ଚଟି ଷ୍ଟଲ୍ ଖୋଲାଯାଇଥିଲା। ତେବେ ଡାକ୍ତରୀ ଦଳଙ୍କ ଆଗମନରେ ବିଳମ୍ବ ହେବାରୁ ହିତାଧିକାରୀମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଞ୍ଚ ଜଣିଆ ଡାକ୍ତରୀ ଦଳ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଥିଲା। ବିଶେଷକରି ଶାରୀରିକ ଓ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କର ଚିକିତ୍ସା ସମ୍ବନ୍ଧୀୟ ପରୀକ୍ଷା କରାଯାଇଥିଲା। ଏହି ଶିବିର ମାଧ୍ୟମରେ ହିତାଧିକାରୀମାନେ ଚିକିତ୍ସା ସେବା ସହ ବିଭିନ୍ନ ସରକାରୀ ସୁବିଧା ପାଇବା ନେଇ ଆଶା ରଖିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା ପରିଚାଳନା କରିଥିବା ବେଳେ ବ୍ଲକ୍ କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ ଓ ପଞ୍ଚାୟତ ନିର୍ବାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନରେ ଆଣିବାରେ ସହାୟକ ହେଉଛି ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୪ଟି ବିଦ୍ୟାଳୟର ପ୍ରାୟ ସାଢେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ,ନୃତ୍ୟାଭିନୟ ଆଦି ପ୍ରତିଯୋଗିତା କରାଯାଇ ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଚାରକ ଭାବେ ଜ୍ୟୋତିଶ୍ରୀ ମହାପାତ୍ର, କୋମଳରାଣୀ ସୂତାର, ସ୍ୱର୍ଣ୍ଣଲେଖା ମହନ୍ତ,ମନୋଜ୍ଞା ପ୍ରିୟଦର୍ଶିନୀ, ନର୍ମଦା ନାୟକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଉର୍ମିଳା ମହନ୍ତ ଓ ବିଦ୍ୟୁତମୟୀ ମିଶ୍ର ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲ। ବେଳେ ଆୟୋଜକ ଝିରିପାଣି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ଷିଲା ଟିର୍କି ଧନ୍ୟବାଦ ଅର୍ପଣ କରିଥିଲେ।

ଟ୍ରକ ଧକ୍କାରେ ଯୁବକ ମୃତ

ଡୁଙ୍ଗୁରିପାଲି, ୪/୧୧ (ନି ପ୍ର) ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ବାଙ୍କୀପାଲି ଛକ ଠାରେ ଆଜି ରାତି ୮ ଟାରେ ଏକ ଟ୍ରକ ଧକ୍କା ରେ ଧାନବସା ଗ୍ରାମର ଧନୁ ଷାଣ୍ଢ ନାମକ ଯୁବକ ଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି ସୂଚନାରୁ ପ୍ରକାଶ ଧନୁ ଷାଣ୍ଢ ଏକ ଘର ମିସ୍ତ୍ରୀ ଥିଲେ ସେ ନିଜ କାମ ସାରି ଡୁଙ୍ଗୁରିପାଲି ରୁ ନିଜ ଗାଁ ଧାନବସାକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ୧୫/୮୩୭୦ ନମ୍ବର ମିନି ଟ୍ରକ ଧକ୍କା ଦେଇ ଫେରାର ମାରୁଥିଲା। ରାମପୁର ପୋଲିସ ଓ ଡୁଙ୍ଗୁରିପାଲି ପୋଲିସ ଡୁଙ୍ଗୁରିପାଲି ଆନ୍ଧ୍ରଡେରା ରାସ୍ତାରେ ଟ୍ରକ କୁ ଧରିଥିବା ପ୍ରକାଶ ଅନ୍ୟପକ୍ଷରେ ଗୁରୁତର ଆହତ ଧନୁଙ୍କୁ ଉପସ୍ଥିତ କେତେକ ବ୍ୟକ୍ତି ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିବା ଜଣାଯାଇଛି ।

ମଦ ବନ୍ଦ: ରାସ୍ତାରେ ବସି ମହିଳାଙ୍କ ପ୍ରତିବାଦ

ଡୁଙ୍ଗୁରିପାଲି ,୪/୧୧(ନି ପ୍ର) ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ଧାରିବାଞ୍ଜି ଗ୍ରାମର ମହିଳା ମଦ ବନ୍ଦ ପାଇଁ ଅନେକ ଅଭିଯୋଗ କଲେ କେହି ଅଧିକାରୀ ଶୁଣିଲେ ନାହିଁ ଶେଷ ରେ ପଣ୍ଡକିଟାଲ ଭୀମଟିକିରା ମୁଖ୍ୟ ରାସ୍ତା ଗଜବନ୍ଦ ଛକ ଠାରେ ବସି ପ୍ରତିବାଦ କଲେ ମହିଳା। ଅନ୍ଧାରିବାଞ୍ଜି ଗ୍ରାମରେ ବେଆଇନ ଦେଶୀ, ବିଦେଶୀ ମଦ, ଏବଂ କରେକ୍ସ ନିଶାରେ ଗାଁର ପୁରୁଷ ଲୋକ ବୁଡି ରହୁଥିଲେ। ଯାହାକି ପ୍ରତେକ ଦିନ ପରିବାର ଏବଂ ଗ୍ରାମରେ ଅଶାନ୍ତି ପରିବେଶ ସୃଷ୍ଟି ହେଉଥିଲା । ଅନେକ ପରିବାରରେ ମୁଖ୍ୟ ନିଶା ପାଇଁ ଘର ମୂଲ୍ୟବାନ ଜିନିଷ କୁ ବିକ୍ରି କରି ସେ ପଇସା ରେ ନିଶା ସେବନ କରୁଥିଲେ ଯାହା ଫଳରେ ପରିବାର ଏବଂ ଗ୍ରାମରେ ଅଶାନ୍ତି ପରିବେଶ ସୃଷ୍ଟି ହେଉଥିଲା ବିଭିନ୍ନ ରୋଗ ରେ ଆକ୍ରାନ୍ତ ହୋଇ ମଧ୍ୟ ମୃତ୍ୟୁ ବରଣ କରିଛିନ୍ତି। ଅନେକ ପରିବାର, ଛୋଟ ଛୋଟ ଛୁଆ ଅନାଥ ହୋଇ ଯାଇଛନ୍ତି। ହେଲେ ତାକୁ ଦେଖୀ ସହି ପାରିଲେ ନାହିଁ ଗ୍ରାମର ମହିଳା ପ୍ରଥମେ ରାମପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ ଥାନା ଅଧିକାରୀ ତାଙ୍କୁ ଆଶ୍ୱସନା ଦେଇ ଥିଲେ ହେଲେ କୌଣସି କାର୍ଯ୍ୟନୁଷ୍ଠା ଗ୍ରହଣ କଲେ ନାହିଁ ଶେଷ ରେ ଜିଲ୍ଲାପାଳ,ଅରକ୍ଷୀ ଅଧିକ୍ଷକଏବଂ ଅବକାରୀ ଥାନା ବିନିକା ରେ ମଧ୍ୟ ଅଭିଯୋଗ କଲେ ହେଲେ କୌଣସି ପଦକ୍ଷେପ ନେଇ ନଥିବାରୁ। ଶେଷ ରେ ଆଜି ରାଜରାସ୍ତା ରେ ବସି ପ୍ରତିବାଦ କରୁଛନ୍ତି। ଯଦି ମଦ ବନ୍ଦ ନହୁଏ ରାସ୍ତା ରୁ ଉଠିବୁ ନାହିଁ ବୋଲି ମହିଳା ମାନେ କହିଛନ୍ତି।

ଅଙ୍ଗନବାଡ଼ି କେନ୍ଦ୍ରରେ ଅନିମିୟତତା ଅଭିଯୋଗ

କଣ୍ଟାବାଞ୍ଜି , ୪।୧୧(ନିପ୍ର) ଆସୁଛି ସବୁ ପୁଷ୍ଟିକର ଖାଦ୍ୟ କିନ୍ତୁ ପହଂଚିପାରୁ ନାହିଁ ହିତାଧିକାରୀ ପାଖକୁ ଅଯୋଗ୍ୟ କର୍ମୀଙ୍କ ପାଇଁ ଯୋଗ୍ୟ ହିତାଧିକାରୀ ବଂଚିତ ଅଭିଯୋଗ ଆଙ୍ଗନବାଡ଼ି କର୍ମୀଙ୍କ ଦୁର୍ନୀତି ଅଭ୍ୟାସ କାରଣରୁ ଫେଲ ମାରିଛି ରାଜ୍ୟ ସରକାରଙ୍କ ଶିଶୁ ବିକାଶ ଯୋଜନା ଭଳି ଅଭିଯୋଗ ବଲାଙ୍ଗୀର ଜିଲ୍ଲା ଟୁରକେଲା ବ୍ଲକ ବଡ଼ଡକଲା ପଂଚାୟତ ନାଗଫେଣା ଗ୍ରାମ ବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ଆଙ୍ଗନବାଡ଼ି କର୍ମୀଙ୍କ ମନଇଚ୍ଛା କାର୍ଯ୍ୟକଳାପ, ଛତୁଆ, ଅଣ୍ଡା ଓ ପୁଷ୍ଟିକର ଖାଦ୍ୟ ବଣ୍ଟନରେ ପର୍ଯ୍ୟାପ୍ତ ଅନିମିୟତତା ଅଭିଯୋଗ ଓ ବିରୋଧ ର ସ୍ୱର ନିୟମିତ ଭାବେ କେନ୍ଦ୍ର ନ ଖୋଲିବା ସହ ପୁଷ୍ଟିକର ଖାଦ୍ୟ ବଣ୍ଟନରେ ପର୍ଯ୍ୟାପ୍ତ ଅନିମିୟତତା ରୁ ଖାଦ୍ୟ ଯୋଜନା ରୁ ବଂଚିତ ହେଉଛନ୍ତି ଯୋଗ୍ୟ ଶିଶୁ ଓ ଗର୍ଭବତୀ ମା ଭଳି ଅଭିଯୋଗ ହେଉଛି

ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରା।ଉରକେଲା, ୪।୧୧ (ନିପ୍ର)ବିଶ୍ୱା ବ୍ଲକ ଅନ୍ତର୍ଗତ ଝିରିପାଣି ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ସୁରଭି ୨୦୨୬ ଶିଶୁ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ସୁପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଏନଆଇଟି ଋ ପ୍ରଫେସର ସରୋଜ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଡବ୍ଲୁଇଓ ଆରତୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଫୁଲମଣୀ କେର୍କେଟା,ଏବିଇଓ ସତ୍ୟଭାମା ବେହେରା, ସମିତି ସଭ୍ୟା ପ୍ରତିମା ପାତ୍ର,ଝିରିପାଣି ସରପଞ୍ଚ ଅଜିତ୍? ଟିର୍କି, ଲକ୍ଷ୍ମୀ ସେଠୀ, ସ୍ନେହଲତା ଦଳେଇ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧ ରେ ରଘୁନାଥପାଲୀ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ

ଆର୍‌ବିଏଲ୍ ବ୍ୟାଙ୍କ ଲିମିଟେଡ୍

RBL BANK apne ka bank

ପଞ୍ଜୀକୃତ କାର୍ଯ୍ୟାଳୟ: ୧ମ ଲେନ୍, ଶାହୁପୁରୀ, କୋହ୍ଲାପୁର-୪୧୬୦୦୧
ରାଷ୍ଟ୍ରୀୟ ପରିଚାଳନା କେନ୍ଦ୍ର: ୯ମ ମହଲା, ଟେକ୍କିପୁକ୍ଲ-୧, ବୀର ସବରକର ଫ୍ଲାଏଓଭର ବିପରୀତ, ଗୋରେଗାଓଁ(ପଶ୍ଚିମ) ମୁମ୍ବାଇ-୪୦୦୦୬୨.

ସ୍ୱର୍ଣ୍ଣ ନିଲାମ ତଥା ଆହ୍ୱାନ ବିଜ୍ଞପ୍ତି

ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଆରବିଏଲ୍ ବ୍ୟାଙ୍କ ଲିମିଟେଡ୍‌ରୁ ସୁନା ଅଳଙ୍କାର **("Facility")** ବନ୍ଧକ ରଖି ଉପଲବ୍ଧ କରିଥିବା ଋଣ ସୁବିଧାର ମାର୍ଜିନ୍ ରାଶି ପରିଶୋଧ କରିବାକୁ ମାର୍ଜିନ୍ କଲ୍ ନୋଟିସ୍ ଜାରି କରାଯାଇଥିଲା। ସେହେତୁ ଋଣଗ୍ରହୀତା ବ୍ୟବସ୍ଥା ଅନୁଯାୟୀ ମାର୍ଜିନ୍ ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ଏପରି କ୍ଷେତ୍ରରେ ଆମେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ତା: ୧୧.୧୧.୨୦୨୬ ରେ ନିଲାମ କରିବାକୁ ବାଧ ହେଉଛୁ।
ଏହି କ୍ଷେତ୍ରରେ ନିଲାମରୁ ଯଦି ବଳକା ରାଶି ମିଳିଥାଏ, ତେବେ ତାହା ସଂପୃକ୍ତ ଋଣଗ୍ରହୀତାଙ୍କୁ ଫେରନ୍ତ ଦିଆଯିବ ଏବଂ ଯଦି ନିଲାମ ପରେ ରାଶି କମ୍ ହୁଏ ତେବେ ଯଥାର୍ଥ ଆଇନଗତ ବ୍ୟବସ୍ଥାରେ ଅବଶିଷ୍ଟ ରାଶି ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ । କୌଣସି ପୂର୍ବ ସୂଚନା ନ ଦେଇ ଆର୍‌ବିଏଲ୍ ବ୍ୟାଙ୍କ ଅକ୍ସନରୁ ନିମ୍ନ ଆକାଉଣ୍ଟ ବାଦ୍ ଦେବାର କ୍ଷମତା ରଖୁଛନ୍ତି । ଅଧିକନ୍ତୁ, ଆରବିଏଲ୍ ବ୍ୟାଙ୍କ

ମୋ ଜୀବନ ମୋ କର୍ତ୍ତବ୍ୟ ଓ ମାନବାଧିକାର ଶୀର୍ଷକ କର୍ମଶାଳା

ସମ୍ବଲପୁର ,୪।୧୧(ନପ୍ର): ୱାର୍ଲ୍ଡ ହ୍ୟୁମାନ୍ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେସନ୍ ପକ୍ଷରୁ ସ୍ଥାନୀୟ ରୋଟାରୀ ଅଡିଟୋରିୟମ ଠାରେ 'ମୋ ଜୀବନ, ମୋ କର୍ତ୍ତବ୍ୟ ଓ ମାନବାଧିକାର' ଶୀର୍ଷକ ଏକ ରାଜ୍ୟସ୍ତରୀୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀ, ଡାକ୍ତର ଏବଂ ମାନବାଧିକାର କର୍ମୀ ଯୋଗଦେଇ ମାନବାଧିକାର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଡ. ମନୋଜ ବହିଦାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର ଜାତୀୟ ସଭାପତି ମୁଖ୍ୟ ବକ୍ତା ଭାବେ ଡ. ଅଭିନ୍ନ କୁମାର ହୋତା ଯୋଗଦେଇ ଭାରତୀୟ ସମ୍ବିଧାନର ଧାରା ୧୪, ୧୯ ଓ ୨୧ ଅଧୀନରେ ଥିବା ସମାନତା, ସ୍ୱାଧୀନତା ଏବଂ ଜୀବନ ଧାରଣର ମୌଳିକ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ।ଭାରତୀୟ ରାଜନୀତି ବିଜ୍ଞାନ ସଂଘର ସଭାପତି ତଥା ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧିକାର ଓ କର୍ତ୍ତବ୍ୟର ଆଧ୍ୟାତ୍ମିକ ଦିଗ ଏବଂ ସାମାଜିକ ଦାୟିତ୍ୱବୋଧ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ସେହିପରି ଉପସଭାପତି ତଥା ଆଇନଜୀବୀ ଶ୍ରୀମତୀ ରୀତା ପାଢ଼ୀ ମହିଳାମାନଙ୍କ ସମ୍ବେଦନଶୀଳ ମାନବୀୟ ସମସ୍ୟା ତଥା ଆଇନଗତ ସୁରକ୍ଷା କ୍ଷେତ୍ରରେ ନିଜର ଦୀର୍ଘ ଦିନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମତୀ ଶର୍ମିଳା ଶତପଥୀ ମଞ୍ଚ ସଂଚାଳନ କରିଥିବା ବେଳେ ରୋଟାରିକ୍ଲବ ସଭାପତି ଚିନ୍ମୟ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

ରେଳ ପେନସନଭୋଗୀଙ୍କ ପାଇଁ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ

ସମ୍ବଲପୁର, ୪।୧୧(ନିପ୍ର): ରେଳ ପେନସନ ଭୋଗୀ ଓ ପରିବାର ପେନସନ ଭୋଗୀଙ୍କ ସୁବିଧା ନିମନ୍ତେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ 'ଡିଜିଟାଲ୍‌ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୫.୦' ଆୟୋଜନ କରାଯାଉଛି। ରେଳ ବୋର୍ଡର ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପେନସନଭୋଗୀଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ଡିଜିଟାଲ୍ ମାଧ୍ୟମରେ ସରଳ ଓ ସୁବିଧାଜନକ କରିବା।ଏହି ଅଭିଯାନର ଅଂଶସ୍ୱରୂପ ସମ୍ବଲପୁର ସ୍ଥିତ କମ୍ୟୁନିଟି ହଲ୍‌ରେ ଏକ ମେଗା ଶିବିର ଆୟୋଜନ କରାଯାଇ ପେନସନ ଭୋଗୀ ଙ୍କୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ନିମନ୍ତେ ଆବଶ୍ୟକ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରା ଯାଇଥିଲା। ବିଶେଷକରି ୮୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ପେନସନ ଭୋଗୀ ଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ସୁବିଧାର ବ୍ୟବସ୍ଥା କରାଯାଇଛି। ଡିଜିଟାଲ୍ ସେବା ବ୍ୟବହାର ରେ ଅସୁବିଧା ଭୋଗୁଥିବା ବୟସ୍କ ପେନସନ ଭୋଗୀ ଙ୍କୁ ଏହି ଅଭିଯାନ ମାଧ୍ୟମରେ ବିଶେଷ ଭାବେ ସହଯୋଗ କରାଯାଉଛି। ଏଥିସହ ସମ୍ବଲପୁର ମଣ୍ଡଳ ଅଧୀନ ରେଢ଼ାଖୋଲ, ବଲାଙ୍ଗୀର, ଟିଟିଲାଗଡ଼, ମହାସମୁନ୍ଦ ଓ କଣ୍ଟାବାଞ୍ଜି ଠାରେ ମଧ୍ୟ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଶିବିର ଆୟୋଜନ କରାଯିବ। ଫଳରେ ପେନସନ ଭୋଗୀ ମାନେ ନିଜ ଅଞ୍ଚଳ ନିକଟରେ ଏହି ସୁବିଧା ପାଇପାରିବେ। ଡିଜିଟାଲ୍ ସଶକ୍ତିକରଣ କୁ ପ୍ରୋତ୍ସାହନ ଦେବା ସହ ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସହଜ ଓ ଅସୁବିଧା ମୁକ୍ତ ସେବା ଯୋଗାଇଦେବା ଦିଗରେ ସମ୍ବଲପୁର ମଣ୍ଡଳର ଏହା ଏକ ପ୍ରମୁଖ ପଦକ୍ଷେପ।

ମାଣ୍ଡିଆ ଚାଷ ଓ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

ସମ୍ବଲପୁର, ୪/୧୧(ନିପ୍ର)ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି। ଦେଶର ଭବିଷ୍ୟତ ଯୁବପିଢ଼ିଙ୍କ ହାତରେ ନ୍ୟସ୍ତ। ତେଣୁ ଯୁବସମାଜ ନିଶା ଓ ଅପସଂସ୍କୃତିଠାରୁ ଦୂରେଇ ରହି ସକାରାତ୍ମକ ଚିନ୍ତାଧାରା ସହ ରାଷ୍ଟ୍ର ନିର୍ମାଣରେ ସାମିଲ ହେବା ଆବଶ୍ୟକ ବୋଲି ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆହ୍ୱାନ ଦେଇଛନ୍ତି। ବୁଧବାର ସମ୍ବଲପୁରର ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍' ୨୦୨୬ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମା' ସମଲେଶ୍ୱରୀଙ୍କ ପବିତ୍ର ଭୂମି ସମ୍ବଲପୁର ପ୍ରାକୃତିକ ସମ୍ପଦ, କୃଷି, ଜଙ୍ଗଲଜାତ ଦ୍ରବ୍ୟ ଓ ଖଣିଜ ସମ୍ପଦରେ ସମୃଦ୍ଧ। ନିଜ ଅଞ୍ଚଳର ଗୌରବମୟ ଇତିହାସ, ମାଟି, ଭାଷା ଓ ପରମ୍ପରାକୁ ମନେ ରଖି ଯୁବପିଢ଼ି ଆଗକୁ ବଢ଼ିବା ଉଚିତ ବୋଲି ସେ କହିଥିଲେ। ଦିନେ ଅଭାବ ଓ ଦାରିଦ୍ର୍ୟ ସମୟରେ ଲୋକଙ୍କ ଜୀବନଧାରଣର ମୁଖ୍ୟ ଆଧାର ଥିବା ମାଣ୍ଡିଆ, କୁଦୁରି, କୋଦ, ଗୁର୍ଜି, ସୁଆଁ ଓ ପିଠାଲୁ କନ୍ଦା ଭଳି ପାରମ୍ପରିକ ଖାଦ୍ୟ ଆଜି ପୁଷ୍ଟି ସମୃଦ୍ଧ ମିଲେଟ୍ସ ଭାବେ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ପାଇଛି। ରାଜ୍ୟ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଗର୍ବର ବିଷୟ ବୋଲି ମନ୍ତ୍ରୀ ମତ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସଂକଳ୍ପ ଏବଂ ଜାତୀୟ ଶିକ୍ଷା ନୀତି୨୦୨୦ ଯୁବପିଢ଼ିଙ୍କ ପ୍ରତିଭା ବିକାଶ ସହ ଭାରତୀୟ ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ସହାୟକ ହେଉଛି ବୋଲି ସେ କହିଥିଲେ। ଦେଶରୁ ଗରିବୀ ଦୂର କରି ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ଯୁବସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ଅଭିଭାଷଣରେ ମାଣ୍ଡିଆର ପୁଷ୍ଟିକର ଗୁଣ ଓ ଚାଷର ଆର୍ଥିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବଦଳୁଥିବା ଜୀବନଶୈଳୀ ଯୋଗୁଁ ମଧୁମେହ, ଉଚ୍ଚ ରକ୍ତଚାପ ଓ କମ୍ ବୟସରେ ହୃଦ୍‌ରୋଗ ଭଳି ସମସ୍ୟା ବଢ଼ୁଥିବାରୁ ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍ସ ସାମିଲ କରିବା ଜରୁରୀ ବୋଲି ସେ କହିଥିଲେ। ଜିଲ୍ଲାର ପ୍ରାୟ ୫ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଛି। ତେବେ ଖରିଫ୍ ଡୁଲନାରେ ରବି ଋତୁରେ ମାଣ୍ଡିଆ ଚାଷର ପରିମାଣ କମ୍ ରହୁଛି। ତେଣୁ ଚାଷୀଙ୍କ ଆୟ ବୃଦ୍ଧି, ଫସଲ ବିବିଧୀକରଣ ଓ ମାଟିର ଉର୍ବରତା ସୁରକ୍ଷା ପାଇଁ ରବି ଋତୁରେ ମାଣ୍ଡିଆ ଚାଷର ପରିସର ଓ ଚାଷୀଙ୍କ ସଂଖ୍ୟା ବଢ଼ାଇବାକୁ ଜିଲ୍ଲାପାଳ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ''ୱାକାଥନ୍

କଟକ ୪।୧୧(ନିପ୍ର) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ, ଭିଜିଲାନ୍ସ ସେଲ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ ''ୱାକାଥନ୍'' ଆୟୋଜିତ ହୋଇଯାଇଛି ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏହି ଅବସରରେ କ୍ଷେତ୍ରୀୟ

ଆସ୍ଥୁରାନ୍ସ ମୁଖ୍ୟସିଦ୍ଧାର୍ଥ ଦାସ, କ୍ଷେତ୍ରୀୟ ସତର୍କତା ଅଧିକାରୀ ପ୍ରଭାକର ସାହୁ, ସମସ୍ତ ଭର୍ଟିକାଲ ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ,ଶାଖା ମୁଖ୍ୟ ଏବଂ କର୍ମଚାରୀମାନେ ସକ୍ରିୟଅଂଶଗ୍ରହଣ କରିଥିଲେ ଅଂଶଗ୍ରହଣକାରୀମାନେ ସତର୍କତା ସର୍କାତ ବ୍ୟାନର ଓ ପ୍ଲାକାର୍ଡ ପ୍ରଦର୍ଶନ କରି ସାଧାରଣଲୋକଙ୍କ ମଧ୍ୟରେ ସଚ୍ଚୋଟତା, ସାଧୁତା, ସ୍ୱଚ୍ଛତା ଓ ଦୁର୍ନୀତି ନିବାରଣ ସର୍କରେ ସଚେତନତା ସୃଷ୍ଟି କରିଥିଲେଏଥି ସହିତ ଦୁର୍ନୀତି ନିବାରଣ ଓ ସମାଜରେ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱଉପରେ ମଧ୍ୟ ଆଲୋକପାତ କରାଯାଇଥିଲା ଏହି ପଦକ୍ଷେପ ମାଧ୍ୟମରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାଧୁତାକୁପ୍ରୋତ୍ସାହିତ କରିବା, ସତର୍କତା ସର୍କରେ ଜନସଚେତନତା ବୃଦ୍ଧି କରିବା ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେନିଜର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରିଥିଲା

ଶ୍ରୀରାମ ମହାବିଦ୍ୟାଳୟର ଆଣବିକ ବର୍ଗୀକରଣ ଆଲୋଚନା ଚକ୍ର

ଡୁଙ୍ଗୁରିପାଲି ସୁବର୍ଣ୍ଣପୁର/ରାମପୁର/୦୪/୧୧(ନିପ୍ର) ଶ୍ରୀରାମ ମହାବିଦ୍ୟାଳୟ, ରାମପୁର, ରେ ଅଧ୍ୟକ୍ଷ ଶ୍ରୀ ଭାଗ୍ୟବାନ ମହାକୁରଙ୍କ ସଭାପତିତ୍ୱ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପିକା ଜ୍ୟୋତିର୍ମୟୀ ବାରିକ ଙ୍କ ତତ୍ତ୍ୱାବଧାନରେ ଆଣବିକ ବର୍ଗୀକରଣ ପାଇଁ ୧୬ଏସ୍ ରାଇବୋଜୋମାଲ ଆର ଏନ୍.ଏ ଜିନ୍ ଏକ ଆଦର୍ଶ ଚିନ୍‌ହଟକାରୀ ସୂଚକଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନାଚକ୍ରରେ ଲରମ୍ବା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ର ଅଧ୍ୟାପକ ଡ ଜୟନ୍ତ କୁମାର ସାହୁ ମୁଖ୍ୟ ସମୀକ୍ଷକ ଭାବରେ ଯୋଗଦାନ ପୂର୍ବକ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଲୋଚନା ଚକ୍ର ଆରମ୍ଭ ପୂର୍ବରୁ ଦିବଂଗତ ପୂର୍ବତନ ବିଭାଗ ମୁଖ୍ୟ ମୀନକେତନ ପାତ୍ର ଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ସନତ ପଧାନ ଲ୍ୟାକ୍ ଓପେରନ ଶୀର୍ଷକ ପ୍ରବନ୍ଧ ଉପସ୍ଥାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ପ୍ରୀନ୍ସ ଭରାସାଗର ପ୍ରଯୁକ୍ତି ବିଜ୍ଞାନ ଓ କୃଷି ଶୀର୍ଷକ ପ୍ରବନ୍ଧ ଉପସ୍ଥାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ବାରିକ ଓ ଅଧ୍ୟାପିକା ମାମିନା ଭୋଇ ଉପରୋକ୍ତ ବିଷୟବସ୍ତୁକୁ ସମୀକ୍ଷା କରିଥିଲେ।ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସମେତ ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ତପସ୍ୱିର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୋନପୁର କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦାବି

ସୁବର୍ଣ୍ଣପୁର, ୦୪/୧୧(ନିପ୍ର) ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱୟଂଶାସିତ ମାନ୍ୟତା ନିମନ୍ତେ ତକାଯାଇଥିବା ୪୨ଟି କଲେଜ ତାଲିକାରେ ସୋନପୁରର ସର୍ବ ପୁରାତନ କଲେଜ ସୋନପୁର କଲେଜର ନାମ ନଥିବାରୁ ପୁରାତନ ଛାତ୍ର ସଂଘ ତଥା ଆଲୁମିନି ଆସୋସିଏସନ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଆଜି ଏ ନେଇ ସ୍ଥାନୀୟ ଶାହା ଗେଷ୍ଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛନ୍ତି । ସରକାର କେଉଁ ଆଧାର ତଥା ମାନଦଣ୍ଡ ରେ ଏହା କରିବାକୁ ଯାଉଛନ୍ତି ତାହା ସ୍ପଷ୍ଟ କରନ୍ତୁ । କାରଣ ସୋନପୁର କଲେଜର ପାଠପଢ଼ା ମଧ୍ୟ ପୂର୍ବରୁ ଉନ୍ନତ ମାନର । ଏ ନେଇ ପୂର୍ବରୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି କି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି । ସୂଚନାରୁ ଜଣାପଡିଛି ଯେ ୩୦ ଅକ୍ଟୋବର ଦିନ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ଚିଠି ନଂ ୫୭୯୩୬/ଏଚଇ ଅନୁଯାୟୀ ନଭେମ୍ବର ୫ ତାରିଖରେ ନିର୍ଦ୍ଦେଶାଳୟରେ ହେବାକୁ ଥିବା ବୈଠକରେ କେବଳ ରେ ମାନ୍ୟତା ପ୍ରାପ୍ତ କଲେଜ ଗୁଡିକୁ ଡକାଯାଇଛି ।ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ତାଲିକାରୁ ବାଦ୍ ପଡିଛି । ପୁରାତନ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ଯେ, ସୋନପୁର କଲେଜ ୧୯୬୪ ମସିହାରୁ ଏହି ଅଞ୍ଚଳର ଶିକ୍ଷାର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଆସୁଛି । ଜିଲ୍ଲାର ହଜାର ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀ ଏଠାରେ ପଢୁଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ଆଲୁମିନୀ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବୀ କରାଯାଇଛି । ବିଭିନ୍ନ ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ଙ୍କ ସୋନପୁର ଗସ୍ତ ସମୟରେ ମଧ୍ୟ ସାକ୍ଷାତ ଆଲୋଚନା ହୋଇଛି । ସଂଘ ପକ୍ଷରୁ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା କଲେଜ କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲ। ଙ୍କ ନେତୃତ୍ୱରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

ହାଇଟେକ୍ ମେଡିକାଲ୍ କଲେଜର ହ୍ୱାଇଟକୋଟ୍ ଉତ୍ସବ

ଶୃଙ୍ଖଳିତ ହୁଅନ୍ତୁ, ଆପଣଙ୍କୁ ଭଲ ଡାକ୍ତର କରିବାର ଦାୟିତ୍ୱ ଆମର –ଡକ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, ୪।୧୧(ନିପ୍ର) ହାଇଟେକ୍ ମେଡିକାଲ୍ କଲେଜ୍ର ୨୨ତମ ହ୍ୱାଇଟ୍କୋଟ ଏବଂ ଚରକ ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଛିଛ ନୂତନ ଭାବରେ ଭର୍ତ୍ତି ହୋଇଥିବା ପ୍ରଥମବର୍ଷ ଏମ୍ବିବିଏସ୍ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ହ୍ୱାଇଟକୋର୍ଟ ପ୍ରଦାନ କରାଯାଇଥିଲା , ସେହିପରି ଛାତ୍ରଛାତ୍ରୀ ମାନେ ଶ୍ରେଣୀକକ୍ଷ ଓ ମେଡିକାଲ୍ ଭିତରକୁ ପ୍ରବେଶ କରିବା ପୂର୍ବରୁ ସେମାନଙ୍କୁ ଚରକ ଶପଥ କରାଯିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ,ଏହି ଶପଥନେବା ପରେ ପ୍ରତ୍ୟକ ଛାତ୍ରଛାତ୍ରୀ ପବିତ୍ରତା, ସମାନୁବର୍ତ୍ତିତା,ତ୍ୟାଗ ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପ୍ରେରଣା ପାଇବେଛ ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ, ଜୀବନରେ ଶୃଙ୍ଖଳା ହିଁ ପୁଞ୍ଜି, ଜଣେ ଶୃଙ୍ଖଳିତ ମଣିଷ ଯେକୌଣସି ଅସାଧ୍ୟକୁ ସାଧ୍ୟ କରିପାରେଛ ପ୍ରତ୍ୟକ ଛାତ୍ରଛାତ୍ରୀ ହାଇଟେକ୍ରେ କେବଳ ଶୃଙ୍ଖଳିତ ଆଚରଣ କଲେ, ଜଣେ ଭଲ ଡାକ୍ତର କରିବାର ଦାୟିତ୍ୱ ଏ ଅନୁଷ୍ଠାନର ବୋଲି ସେ କହିଛନ୍ତିଛ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ମୋହନ ଦାଶ ଯୋଗଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସ୍ୱିନୀ କୁମାର ତ୍ରିପାଠୀ ଯୋଗଦେଇ, ନୂତନ ଡାକ୍ତର ଛାତ୍ରଛାତ୍ରୀ ମାନେ ପାଠପଢା ସହ ରୋଗୀସେବା ପ୍ରତି ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ୨୦୨୦-୨୧ବ୍ୟାଚ୍ର ୧୪ଜଣ କୃତି ଏମ୍ବିବିଏସ୍ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ହାଇଟେକ୍ପକ୍ଷରୁନଗଦରାଶି ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ।

ଜେକେ କାଗଜ କଳ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ରାୟଗଡ଼ା: ୪/୧୧(ନି.ପ୍ର): ଜେକେ କାଗଜ କଳର ସାମାଜିକ ଦାୟିତ୍ୱ ବିଭାଗ ପକ୍ଷରୁ ପିତାମହଲମ୍ବିତ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ସହଯୋଗରେ ବୁଧବାର କୁମୁଟିପେଣ୍ଠଠାରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା ।ଏହି ଶିବିରରେ ମୋଟ ୪୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୨୩ ଜଣଙ୍କଠାରେ ଦୂରଦୃଷ୍ଟିଜନିତ ତ୍ରୁଟି, ୫ ଜଣଙ୍କଠାରେ ମୋତିଆବିନ୍ଦୁ ଏବଂ ୩ ଜଣଙ୍କଠାରେ ଟେରିଜିୟମ୍ ସମସ୍ୟା ଚିହ୍ନଟ ହୋଇଥିଲା। ଚିହ୍ନଟ ହୋଇଥିବା ମୋତିଆବିନ୍ଦୁ ରୋଗୀମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟଗତ ଯୋଗ୍ୟତା ପ୍ରମାଣପତ୍ର ପ୍ରସ୍ତୁତ ପରେ ଅସ୍ତ୍ରୋପଚାର ନିମନ୍ତେ ପିତାମହଲ

ନ୍ୟୁଜିଲାଣ୍ଡ ବିପକ୍ଷ ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନିକିଆ

କୋହଲି ୭୪, ଭାରତର ସହଜ ବିଜୟ

ଅକଲାଣ୍ଡ,୪।୧୧(ଏଜେନ୍ସି): ବିରାଟ କୋହଲିଙ୍କ ଦମଦାର ବ୍ୟାଟିଂ ଓ ପେସ ବୋଲିଂ ସଫଳତାକୁ ଆଧାର କରି ଭାରତ ଜିତିବାର ସ୍ଥାନୀୟ ଇଡେନ୍ ପାର୍କରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚକୁ ଭାରତ ୫ ୱିକେଟ୍‌ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଧାର୍ଯ୍ୟ କରିଥିବା ୧୮୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧ ରନରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା।ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ। ତେବେ ଦଳୀୟ ସ୍କୋର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଡିଏଲଏସ ପଦ୍ଧା ଅନୁସରଣ ଦ୍ୱାରା ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା।ତେବେ ଆଉ ୨ ଓଭର ଖେଳ ପରେ ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।

କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ସ୍ମିଥ୍‌ଙ୍କ ବଲରେ ୱିକେଟ ପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚେକା) ପ୍ୟାଭିଲିୟନ୍ ଫେରିଥିଲେ,କିନ୍ତୁ ଉଭୟ ୧୧୩ ରନର ଭାଗୀଦାର କରି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ଗିଲ୍‌ଙ୍କ ପରେ ଜାକବ ଡଫି ୩ ୱିକେଟ୍ ଅକ୍ତିଆର କରି ଭାରତର ବିଜୟ ବିଳମ୍ବ କରିଥିଲେ। ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚେକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର (୧୫)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ ଜାକବ ଡଫି । ଶେଷରେ କେଏଲ୍ ରାହୁଲ (୩*) ଓ ନମନ ଧୀର (୫*) ଅପରାଜିତ ରହି ୫୬ ବଲ୍ ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲେ। ଅଂଶୁଲ କମ୍ବୋଜଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରା ଯାଇଥିଲା।

ପୂର୍ବରୁ ଅର୍ଶଦୀପ ସିଂହ, ଗୁରନ୍ଦର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନରେ ଅଲ୍ ଆଉଟ୍ ହୋଇଯାଇଥିଲା।ତେବେ ୧୧ ନମ୍ବର ବ୍ୟାଟର୍ ବ୍ଲେୟର ଟିକ୍ନରଙ୍କ ୨୩ ବଲରୁ ୧ ଚେକା ଓ ୪ ଛକା ସହୟତାରେ ୩୪ ରନ ଯୋଗଦାନ ଯୋଗୁଁ ଘରୋଇ ଦଳ ୧୮୫ ରନ କରିପାରିଥିଲା।। ଅର୍ଶଦୀପଙ୍କ ଶେଷ ଓଭରରେ ଟିକ୍ନର ୩ଟି ଛକା ମାରି ଦଳୀୟ ସ୍କୋର୍ ୧୮୦ ପାର୍ କରିଥିଲେ। ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।ଫଳରେ ନ୍ୟୁଜିଲାଣ୍ଡ ୨୦୦ ରନ ସୀମାରେଖା ଛୁଇଁବା ସମ୍ଭବ ହୋଇ ନ ଥିଲା।

ଚର୍ଚ୍ଚାରେ କୋହଲି ଓ ରୋହିତଙ୍କ ଚମତ୍କାର କ୍ୟାଚ

ଅକଲାଣ୍ଡ:ଭାରତର ଦୁଇ ଭେଟେରାନ୍ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଉଟରେ ନିଜର ଅବଦାନ ରଖି ଫିଟନେସ୍ ଓ ଫିଲ୍ଡିଂ ଦକ୍ଷତା ଦେଖାଇଛନ୍ତି। ନ୍ୟୁଜିଲାଣ୍ଡର ୨୯ତମ ଓଭରରେ ଅଂଶୁଲ କମ୍ବୋଜଙ୍କ ବଲରେ ନାଥନ ସ୍ମିଥ୍‌ଙ୍କୁ ଦ୍ୱିତୀୟ ସ୍ଲିପ୍ ନିକଟରେ ଥିବା କୋହଲି ଡାହାଣ ପଟକୁ ଡାଇଭ୍ ମାରି

ଚମତ୍କାର ଭାବେ ମାଟିର ପ୍ରାୟ ଗୋଟିଏ ଇଞ୍ଚ ଉପରୁ କ୍ୟାଚ୍ ଧରି ନେଇଥିଲେ। ଏହା ପୂର୍ବରୁ ଅକ୍ଷର ପଟେଲଙ୍କ ବଲକୁ ଲେଗ୍ ସାଇଡ ଅଞ୍ଚଳକୁ ମିଚେଲ୍ ଖେଳିଥିଲେ। ତେବେ ମିଡ୍‌ୱିକେଟରେ ଫିଲ୍ଡିଂ କରୁଥିବା ରୋହିତ ତୀବ୍ର ଗତିରେ ବଲକୁ ଧରି ୱିକେଟ କିପର କେଏଲ୍ ରାହୁଲଙ୍କ ପାଖକୁ ପଠାଇ ଦେଇଥିଲେ।ଫଳରେ ରାହୁଲ୍ ପଛପଟୁ ବଲ୍ ଗ୍ରହଣ କରି ଅତି ସହଜରେ ମିଚେଲଙ୍କୁ ରନ୍‌ଆଉଟ୍ କରିଥିଲେ।ଏହି ଦୁଇ କ୍ୟାଚ ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ଥିଲା।

ରଣଜୀ ଟ୍ରଫି: ବର୍ଷା ଯୋଗୁ ତୃତୀୟ ଦିନ ଖେଳ ବାଧାପ୍ରାପ୍ତ

ଝାଡଖଣ୍ଡର ୪୩୩/୮ ରନ ଜବାବରେ ଓଡିଶା ୨୩/୦

ଭୁବନେଶ୍ୱର,୪।୧୧(ନି.ପ୍ର): ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ଚାଲିଥିବା ଓଡିଶା-ଝାଡଖଣ୍ଡ ଏଲିଟ ଗ୍ରୁପ ସି ରଣଜୀ ଟ୍ରଫି କ୍ରିକେଟ ମ୍ୟାଚର ତୃତୀୟ ଦିନ ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ପର୍ଯ୍ୟାୟ ଖେଳ ବାଧାପ୍ରାପ୍ତ ହୋଇଥିବା ବେଳେ ଝାଡଖଣ୍ଡର ପ୍ରଥମ ଇନିଂସ ସ୍କୋର ୪୩୩/୮ ରନ ଜବାବରେ ଓଡିଶା ବିନା କ୍ଷତିରେ ୨୩ ରନ କରିଛି। ଦ୍ୱିତୀୟ ଦିନ ୨୫୮/୫ ରନ କରିଥିବା ଝାଡଖଣ୍ଡ ତୃତୀୟ ଦିନ ଆଦିତ୍ୟ ଚନ୍ଦ୍ରେଶ ସିଂ ଶତକ(୧୦୪), ରବିନ ମିଞ୍ଜଙ୍କ ଅପରାଜିତ ଶତକ(୧୦୦),ଅନୁକୂଲ ରୟ ୮୯ ଓ ସୁବାଶ ଶର୍ମାଙ୍କ ୫୮ ରନ ବଳରେ ୮ ୱିକେଟ ହରାଇ ୪୩୩ ରନ କରିବା ପରେ ପାଳି ସମାପ୍ତି ଘୋଷଣା କରିଥିଲା। ଓଡିଶା ପକ୍ଷରୁ ରାଜେଶ ମହାନ୍ତି ଓ ଲଳିତ ଯାଦବ ପ୍ରତ୍ୟେକ ୨ ଲେଖାଏଁ ଏବଂ ନିନାଦ, ସ୍ୱସ୍ତିକ ସାମଲ,ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

ରାଜ୍ୟ ଓ ବାଣିଜ୍ୟ ଖବର

ଭୁବନେଶ୍ୱରରେ ଅତ୍ୟାଧୁନିକ କିଡନୀ ଓ ୟୁରୋଲୋଜି ହସ୍ପିଟାଲ୍ ଆରମ୍ଭ

ଭୁବନେଶ୍ୱର,୪।୧୧(ନି.ପ୍ର): ଭାରତର ଅଗ୍ରଣୀ ସୁପର ସ୍ପେଶାଲିଟି ହସ୍ପିଟାଲ୍ ନେଟୱର୍କ ମଧ୍ୟରୁ ଅନ୍ୟତମ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନ୍ ୟୁ) ଭୁବନେଶ୍ୱରରେ ଏହାର ଅତ୍ୟାଧୁନିକ ହସ୍ପିଟାଲ୍ ଆରମ୍ଭ କରି ସାରା ଭାରତରେ ନିଜର ସେବାକୁ ଆହୁରି ସମ୍ପ୍ରସାରିତ କରିଛି। ଦେଶରେ ଏହା ଏଆଇଏନ୍‌ୟୁର ଅଷ୍ଟମ ହସ୍ପିଟାଲ୍। ଏହା ମାଧ୍ୟମରେ ଉନ୍ନତ ଓ ରୋଗୀକୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅନୁଷ୍ଠାନର ୧୩ ବର୍ଷର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ି ହୋଇଛି। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହସ୍ପିଟାଲ୍‌ର ଶୁଭାରମ୍ଭ କରିଥିଲେ।

ଅକ୍ଟୋବର ୨୦୨୬ରେ ପ୍ରକାଶିତ ଆଇସିଏମ୍‌ଆର-ଏନ୍‌ଆଇଏଚ୍‌ଆରର ଏକ ଅଧ୍ୟୟନ ଅନୁଯାୟୀ, ଓଡ଼ିଶାର ଆଦିବାସୀ ବହୁଳ ୧୪ଟି ଜିଲ୍ଲାର ୫୩ଟି ଆଦିବାସୀ ସମ୍ପ୍ରଦାୟର ୧୯,୭୦୩ ଜଣ ବୟସ୍କଙ୍କ ମଧ୍ୟରୁ ୨୪.୮ ପ୍ରତିଶତଙ୍କଠାରେ କିଡନୀ କାର୍ଯ୍ୟକ୍ଷମତା ହ୍ରାସ ପାଇଥିବା ଜଣାପଡ଼ିଛି। ଏଆଇଏନ୍‌ୟୁର ଏହି ନୂତନ ହସ୍ପିଟାଲ୍‌ରେ ନେଫ୍ରୋଲୋଜି, ୟୁରୋଲୋଜି, ୟୁରୋ-ଅଙ୍କୋଲୋଜି, ରୋବୋଟିକ୍ ସର୍ଜରୀ, କିଡନୀ ପ୍ରତିରୋପଣ, ଡାଏଲିସିସ୍, ଶିଶୁ ୟୁରୋଲୋଜି, ଆଣ୍ଡ୍ରୋଲୋଜି ଏବଂ ପୁନଃନିର୍ମାଣ ୟୁରୋଲୋଜି ଭଳି ବିଭିନ୍ନ ବିଶେଷଜ୍ଞ ଚିକିତ୍ସା ସେବା ଉପଲବ୍ଧ ହେବ। ଏଥିରେ ୧୨ଟି ଡାଏଲିସିସ୍ ଷ୍ଟେସନ୍, ଟିନୋଟି ଅପରେସନ୍ ଥିଏଟର, ଅତ୍ୟାଧୁନିକ ଲେଜର୍ ପ୍ରଯୁକ୍ତି, ୩ଡି ଲାପାରୋସ୍କୋପି, ଆରଆଇଆରଏସ୍, ପିସିଏନ୍‌ଏଲ୍, ୩୨-ସ୍ଲାଇସ୍ ସିଟି ସ୍କାନର୍ ଏବଂ ଭିଡିଓ ୟୁରୋଡାଇନାମିକ୍ସ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଖୁବ୍‌ଶୀଘ୍ର ଏଠାରେ ରୋବୋଟିକ୍ ସହାୟତାରେ ୟୁରୋଲୋଜିକାଲ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ।

ଏଆଇଏନ୍‌ୟୁର ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ ପରାମର୍ଶଦାତା ୟୁରୋଲୋଜିଷ୍ଟ ତଥା ରୋବୋଟିକ୍ ସର୍ଜନ, ଡକ୍ଟର ମଲ୍ଲିକାର୍ଜୁନ ସି କହିଛନ୍ତି, ''୧୩ ବର୍ଷର ଅଭିଜ୍ଞତା ଏବଂ ୬ ଲକ୍ଷରୁ ଅଧିକ ରୋଗୀଙ୍କ ଚିକିତ୍ସା ଅଭିଜ୍ଞତା ସହ ଏଆଇଏନ୍‌ୟୁ ଉନ୍ନତ ଚିକିତ୍ସା ପ୍ରଯୁକ୍ତି ଓ ଉତ୍କୃଷ୍ଟ ଚିକିତ୍ସା ସେବା ମାଧ୍ୟମରେ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପ୍ରତିବଦ୍ଧ। ଏଆଇଏନ୍‌ୟୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ପରାମର୍ଶଦାତା ୟୁରୋଲୋଜିଷ୍ଟ ଓ ୟୁରୋ-ଅଙ୍କୋଲୋଜିଷ୍ଟ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ କହିଛନ୍ତି, ''ଓଡ଼ିଶାରେ ଆମର ସମ୍ପ୍ରସାରଣ ବିଶେଷଜ୍ଞ ୟୁରୋ-ନେଫ୍ରୋଲୋଜି ସେବାକୁ ଅଧିକ ଲୋକଙ୍କ ନିକଟରେ ପହଂଚାଇବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଆଇଏନ୍‌ୟୁର ବରିଷ୍ଠ ପରାମର୍ଶଦାତା ଡକ୍ଟର ପ୍ରଶାନ୍ତ ନାୟକ କହିଛନ୍ତି ଯେ, ''ଓଡ଼ିଶାବାସୀଙ୍କୁ ସେବା ଯୋଗାଇବା ପାଇଁ ପ୍ରମାଣଭିତିକ ଚିକିତ୍ସା, ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ସେବା ଏବଂ ଅତ୍ୟାଧୁନିକ ମେଡିକାଲ୍ ପ୍ରଯୁକ୍ତି ଉପରେ ଆମର ଗୁରୁତ୍ୱ ରହିବ।''ଏସିଆ ହେଲ୍‌ଥକେୟାର ହୋଲ୍ଡିଂସ୍‌ର ଅଧକ୍ଷ ଶ୍ରୀ ବିଶାଳ ବାଲି କହିଛନ୍ତି ଯେ, ଓଡ଼ିଶାରେ ବୃଦ୍ଧି ପାଉଥିବା ବିଶେଷଜ୍ଞ ଚିକିତ୍ସା ସେବାର ଆବଶ୍ୟକତାକୁ ଏହି କେନ୍ଦ୍ର ଗୋଟିଏ ଛାତ ତଳେ ପୂରଣ କରିବ।

ବ୍ୟାଙ୍କ୍ ଅଫ୍ ବରୋଦା ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଓ ଦ୍ୱିତୀୟ ତ୍ରୈମାସିକ ପାଇଁ ଫଳାଫଳ ଘୋଷଣା

ଭୁବନେଶ୍ୱର,୪।୧୧(ନି.ପ୍ର): ବ୍ୟାଙ୍କ୍ ଅଫ୍ ବରୋଦା ୩୦ ସେପ୍ଟେମ୍ବର ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରିଛି। ବ୍ୟାଙ୍କ୍ ନିଜର ସର୍ବକାଳୀନ ସର୍ବାଧିକ ତ୍ରୈମାସିକ ନିଟ୍ ଲାଭ ୬,୫୩୨ କୋଟି ହାସଲ କରିଛି, ଯାହା ବାର୍ଷିକ ଆଧାରରେ ୩୫.୮ ପ୍ରତିଶତ ବୃଦ୍ଧି ଦର୍ଶାଉଛି ଏଥିସହିତ ପ୍ରଥମ ଅଦ୍ଧବାର୍ଷିକ ପାଇଁ ବ୍ୟାଙ୍କ୍ ନିଟ୍ ଲାଭ ୭,୮୧୦ କୋଟି ଟଙ୍କାରେ ପହଞ୍ଚିଛି।

ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ନିଟ୍ ସୁଧ ଆୟ (ଏନଆଇଆଇ) ବାର୍ଷିକ ୯.୦ ପ୍ରତିଶତ ବୃଦ୍ଧି ପାଇ ୧୩,୦୨୬ କୋଟି ଟଙ୍କା ହୋଇଛି, ଯାହାଫଳରେ ଆର୍ଥକ ବର୍ଷ ୨୦୨୬-୨୭ର ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ମୋଟ ଏନଆଇଆଇ ବାର୍ଷିକ ଆଧାରରେ ୯.୨ ପ୍ରତିଶତ ବୃଦ୍ଧି ସହ ୨୫,୫୫୧ କୋଟିରେ ପହଞ୍ଚିଛି । ଅଣ-ସୁଧ ଆୟ ଚଳିତ ତ୍ରୈମାସିକରେ ୯୫.୮ ପ୍ରତିଶତ ବୃଦ୍ଧି ପାଇ ୬,୮୮୧ କୋଟି ଟଙ୍କା ହୋଇଛି, ଫଳରେ ପ୍ରଥମ ଅଦ୍ଧବାର୍ଷିକ ପାଇଁ ଅଣ-ସୁଧ ଆୟ ବାର୍ଷିକ ଆଧାରରେ ୨୬.୪ ପ୍ରତିଶତ ସହ ୧୦,୩୫୧ କୋଟି ଟଙ୍କା ହୋଇଛି।ଏହି ତ୍ରୈମାସିକରେ ବ୍ୟାଙ୍କର ମୋଟ ପରିଚାଳନା ଆୟ ୨୮.୬ ପ୍ରତିଶତ ବୃଦ୍ଧି ପାଇ ୧୯,୯୦୭ କୋଟି ଟଙ୍କା ହୋଇଥିବା ବେଳେ ପରିଚାଳନା ଖର୍ଚ୍ଚ ୭.୪ ପ୍ରତିଶତ ବୃଦ୍ଧି ପାଇ ୮,୪୭୭ କୋଟି ଟଙ୍କା ହୋଇଛି।ଏହାଫଳରେ ବ୍ୟାଙ୍କ୍ ବାର୍ଷିକ ଆଧାରରେ ୫୦.୯ ପ୍ରତିଶତ ବୃଦ୍ଧି ସହ ୧୧,୪୩୦ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ତ୍ରୈମାସିକ ପରିଚାଳନା ଲାଭ ହାସଲ କରିଛି, ଯାହା ପ୍ରଥମ ଅଦ୍ଧବାର୍ଷିକ ପାଇଁ (ବାର୍ଷିକ ଆଧାରରେ ୨୩.୭ ପ୍ରତିଶତ ବୃଦ୍ଧି ସହ) ମୋଟ ୧୯,୫୫୭ କୋଟି ଟଙ୍କା ରହିଛି। ଆସେଟ୍ ଉପରେ ରିଟର୍ନ (ଆରଓଏ) ଏହି ତ୍ରୈମାସିକରେ ୧୯ ବେସିସ୍ ପଏଣ୍ଟ୍ ବୃଦ୍ଧି ପାଇ ୧.୨୬ ପ୍ରତିଶତ ହୋଇଛି, ଏଥିସହିତ ଆସେଟ୍ ଉପରେ ରିଟର୍ସ୍ ପ୍ରଥମ ଅଦ୍ଧବାର୍ଷିକ ପାଇଁ ୦.୭୫ ପ୍ରତିଶତ ହୋଇଛି ଏବଂ ଏହି ତ୍ରୈମାସିକରେ ଇକ୍ୱିଟି ଉପରେ ରିଟର୍ନ (ଆରଓଇ) ୩୬୩ ବେସିସ୍ ପଏଣ୍ଟ୍ ବୃଦ୍ଧି ପାଇ ୧୯.୨୮ ପ୍ରତିଶତରେ ପହଞ୍ଚିଛି। ଏଥିସହିତ ଇକ୍ୱିଟି ଉପରେ ରିଟର୍ସ୍ ପ୍ରଥମ ଅଦ୍ଧବାର୍ଷିକ ପାଇଁ ୧୧.୬୩ ପ୍ରତିଶତ ହୋଇଛି । ଗ୍ଲୋବାଲ୍ ନିଟ୍ ସୁଧ ମାର୍ଜିନ୍ (ଏନଆଇଏମ୍) ଆର୍ଥକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକ ପାଇଁ ୨.୭୪ ପ୍ରତିଶତ ଏବଂ ଯାହା ପ୍ରଥମ ଅଦ୍ଧବାର୍ଷିକ ପାଇଁ ପାଇଁ ୨.୭୬ ପ୍ରତିଶତ ରହିଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ବ୍ୟାଙ୍କର ମୋଟ ଗ୍ଲୋବାଲ୍ ବ୍ୟବସାୟ ୧୬.୨ ପ୍ରତିଶତ ବୃଦ୍ଧି ପାଇ ୩୨,୫୬,୮୮୩ କୋଟି ଟଙ୍କାରେ ପହଞ୍ଚିଛି।

ଅରୁନ୍ଧତୀ ଜ୍ୱେଲର୍ସର ଧନତେରସ୍ ଅଫର ୨୨ କ୍ୟାରେଟ୍ ସୁନା ଗହଣାର ଗଢ଼ା ଉପରେ ଫ୍ଲାଟ୍ ୫୦% ରିହାତି ସହ ୮୦ ଜଣ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ

ଭୁବନେଶ୍ୱର,୪।୧୧(ନି.ପ୍ର): ଓଡ଼ିଶାର ସର୍ବଶ୍ରେଷ୍ଠ ଓ ସର୍ବବୃହତ ଜ୍ୱେଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜ୍ୱେଲର୍ସ' ପ୍ରତ୍ୟେକ ଉତ୍ସବରେ ଓଡ଼ିଶାବାସୀଙ୍କ ପାଇଁ ନୂଆ ନୂଆ ଆକର୍ଷଣୀୟ ଅଫର ଭେଟିଦେଇ ଆସିଛି। ଧନତେରସ୍ ଓ ଦୀପାବଳିର ଶୁଭ ଅବସରରେ ଓଡିଶାବାସୀଙ୍କ ପାଇଁ ଅରୁନ୍ଧତୀ ଜ୍ୱେଲର୍ସ ପାର୍ବଣ ବଜାରର ସର୍ବୋତ୍ତମ ଡିଜାଇନ ଉପରେ ସର୍ବଶ୍ରେଷ୍ଠ ଧନତେରସ ଅଫର । ଏହି ଅଫର୍ ଅଧିନରେ ଗ୍ରାହକମାନେ ସମସ୍ତ ୨୨ କ୍ୟାରେଟ୍ ସୁନା ଗହଣାର ଗଢ଼ା ମଜୁରୀ ଉପରେ ସିଧାସଳଖ ୫୦% ବିଶାଳ ରିହାତିର ଲାଭ ଉଠେଇପାରିବା ସହ, ପ୍ରତ୍ୟେକ ସୁନା ଗହଣା କ୍ରୟରେ ପାଇବେ ୮୦ ଜଣ ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ 'ଲକ୍ଷପତି' ହେବାର ସୁବର୍ଣ୍ଣ ସୁଯୋଗ। ଧନତେରସର ଉତ୍ସାହ ଉଲ୍ଲାସକୁ ଦୃଷ୍ଟିରେ ରଖି ସୁନା ଓ ହୀରାର ଅନେକ ନୂତନ ଲାଇଟ୍ ୱେଟ୍ ଓ ବ୍ରାଇଡାଲ୍ କଲେକ୍ସନ ସହିତ ଓଡ଼ିଶାରେ ଅରୁନ୍ଧତୀର ସମସ୍ତ ୧୧ ଟି ଶାଖାରେ ଏହି ଅଫର ଉପଲବ୍ଧ ରହିଛି।

ଏହି ଶୁଭ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଧନତେରସ୍ ଓ ଦୀପାବଳି ହେଉଛି ସୁଖ, ସମୃଦ୍ଧି ଏବଂ ନୂତନ ଆରମ୍ଭର ଏକ ମହାପର୍ବ। ଏହି ପବିତ୍ର ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ସର୍ବୋତ୍ତମ ଅଳଙ୍କାର ସହ ସର୍ବଶ୍ରେଷ୍ଠ ଗ୍ରାହକ ସେବା ପ୍ରଦାନ କରିବା ଆମର ପ୍ରାଥମିକତା। ଓଡ଼ିଶାବାସୀଙ୍କ ଅଜସ୍ର ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ଏବଂ ଅରୁନ୍ଧତୀ ଉପରେ ଥିବା ସେମାନଙ୍କର ଅତୁଟ ବିଶ୍ୱାସକୁ ଆହୁରି ମଜବୁତ କରି ଆମେ ଏହି ଧନତେରସରେ ସମସ୍ତ ୨୨ କ୍ୟାରେଟ ସୁନା ଗହଣାର ମେକିଙ୍ଗ ଚାର୍ଜ ଉପରେ ବିଶାଳ ରିହାତି ଭେଟିଦେଉଛୁ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଝାରସୁଗୁଡ଼ା ଶାଖା ସ୍ଥାନାନ୍ତରିତ ଓ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡ଼ା,୪।୧୧(ନି.ପ୍ର): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ନୂତନ କାର୍ଯ୍ୟାଳୟ ସ୍ଥାନାନ୍ତରଣ ସହ ଉଦ୍‌ଘାଟନ ସମାରୋହ ୩୦ ଅକ୍ଟୋବର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ କୁମାର ମିଶ୍ର ଏହି ନୂତନ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଝାରସୁଗୁଡ଼ାର ପାହାଡ଼ି ମନ୍ଦିର ଛକସ୍ଥିତ ପୁରୁଣା ଏଲ୍‌ଆଇସି ବିଲ୍ଡିଂରେ ଏହି ଶାଖା କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ଏହାକୁ ସେହି ଅଞ୍ଚଳର ଭୋଳ କମ୍ପ୍ଲେକ୍ସ, କାଳୀ ମନ୍ଦିର ରୋଡ୍‌କୁ ସ୍ଥାନାନ୍ତର କରାଯାଇଛି। ନୂତନ କାର୍ଯ୍ୟାଳୟରେ ଗ୍ରାହକମାନଙ୍କୁ ଅଧିକ ସୁବିଧାଜନକ ଓ ସୁସଂଗଠିତ ବ୍ୟାଙ୍କିଂ ସେବା ଯୋଗାଇଦେବା, ଏହି ସ୍ଥାନାନ୍ତରଣର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉଦ୍‌ଘାଟନୀ ସମାରୋହରେ ଶାଖା ପ୍ରବନ୍ଧକ ସୌମ୍ୟ ରଞ୍ଜନ ରାଉତଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ମାଧ୍ୟମରେ ଅଞ୍ଚଳର ଗ୍ରାହକମାନେ ଉନ୍ନତ ବ୍ୟାଙ୍କିଂ ସେବା ପାଇପାରିବେ ବୋଲି ଆଶା ପ୍ରକାଶ କରାଯାଇଛି।

ସୋଆ ପକ୍ଷରୁ ପଦ୍ମଶ୍ରୀ ଅଶୋକ ମହାପାତ୍ରଙ୍କୁ ଶେଷ ସମ୍ମାନ

ଭୁବନେଶ୍ୱର,୪।୧୧(ନି.ପ୍ର): ଭାରତର ବିଶିଷ୍ଟ ସ୍ୱାସ୍ଥ୍ୟଶଲ୍ୟ ବିଶେଷଜ୍ଞ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପୂର୍ବତନ କୁଳପତି ଓ ପ୍

ଜମ୍ମୁ-କାଶ୍ମୀର ରାଜକୁମାରଙ୍କ ରିସେପ୍ସନ୍‌ରେ ମୋଦୀ

ନୂଆଦିଲ୍ଲୀ, ୪।୧୧ (ଏଜେନ୍ସି): ଜମ୍ମୁ-କାଶ୍ମୀରର ରାଜପରିବାରର ରାଜକୁମାର ମାର୍ତ୍ତଣ୍ଡ ସିଂହ ଏବଂ ରିଆ ବାଦଲଙ୍କ ବିବାହ ଉତ୍ସବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯୁବରାଜ ବିକ୍ରମାଦିତ୍ୟ ସିଂହ ଏବଂ ଚିତ୍ରାଙ୍ଗଦା ରାଜେଙ୍କ ପୁଅ ରାଜକୁମାର ମାର୍ତ୍ତଣ୍ଡ, ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଜେପି ଜାତୀୟ ଉପସଭାପତି ମନପ୍ରୀତ ସିଂହ ବାଦଲଙ୍କ ଝିଅ ରିଆଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ନଭେମ୍ବର ୩ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଏକ ଭବ୍ୟ ରିସେପ୍ସନ୍ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ସାଧାରଣ ଧଳା କୁର୍ତ୍ତା, ଚୁଡ଼ିଦାର ଏବଂ ହାଫ୍ ଜାକେଟ୍ ପରିଧାନ କରି ପହଞ୍ଚିଥିଲେ।

ଏହି ଉତ୍ସବରେ କନ୍ୟା ରିଆ ବାଦଲ ଏକ ଲାଲ୍ ରଙ୍ଗର ଲେହେଙ୍ଗା, ଦୁଇଟି ଦୁପଟ୍ଟା ଏବଂ ପାରମ୍ପରିକ ଗହଣା ପିନ୍ଧି ରାଜକୀୟ ଅନ୍ଦାଜରେ ନଜର ଆସିଥିଲେ। ସେହିପରି ବର ରାଜକୁମାର ମାର୍ତ୍ତଣ୍ଡ ସିଂହ ମଧ୍ୟ ଲାଲ୍ ଏବଂ ସୁନେଲି ରଙ୍ଗର ଶେରୱାନୀ, ମାଳା ଏବଂ ପଗଡ଼ି ପିନ୍ଧି ସମ୍ପୂର୍ଣ୍ଣ ରାଜପୁତାନା ଲୁକରେ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲେ। ଏହି ଗ୍ରାଣ୍ଡ ରିସେପ୍ସନ୍‌ରେ ଡଙ୍କର କରଣ ସିଂହଙ୍କ ପରିବାର ସମେତ ଦେଶର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରାଜନେତା ଯୋଗ ଦେଇଥିଲେ।

ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ପାୱାରଙ୍କୁ ମୋଦୀଙ୍କ ପରାମର୍ଶ

ପୁଣେ, ୪।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାରଙ୍କୁ ଫୋନ୍ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ସମୟରେ ମୋଦୀ ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ପାୱାରଙ୍କ ଘନିଷ୍ଠ ସହଯୋଗୀ ବିଠଲ ମଣିୟାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମଣିୟାରଙ୍କ କହିବା ଅନୁଯାୟୀ, କାମକୁ ନେଇ ଚିନ୍ତା ନ କରି କେବଳ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ ମୋଦୀ ପାୱାରଙ୍କୁ କହିଛନ୍ତି। ଏବେ ସୁପ୍ରିୟା ସୁଲେ ଦାୟିତ୍ୱ ତୁଲାଇବାକୁ ପ୍ରସ୍ତୁତ ହୋଇଗଲେଣି, ତେଣୁ ସେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ବୋଲି ମୋଦୀ କହିଥିବା ମଣିୟାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋନ୍ କଲ୍ ପାଇଁ ପାୱାର ତାଙ୍କୁ ଧନ୍ୟବାଦ ଜଣାଇବା ସହ ବିଶ୍ରାମ ନେବେ ବୋଲି ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅସୁସ୍ଥତା ଯୋଗୁଁ ଶରଦ ପାୱାର ନିକଟରେ ପୁଣେର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ଆଜି ସୁସ୍ଥ ହୋଇ ହସ୍ପିଟାଲ୍‌ରୁ ଘରକୁ ଫେରିବା ପରେ ମୋଦୀ ତାଙ୍କ ସହ କଥା ହୋଇଥିଲେ।

ଜନ୍ମହାର ହ୍ରାସ ଯୋଗୁ ପ୍ରାସଙ୍ଗିକତା ହରାଇଛି ଆଇନ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୪।୧୧ (ଏଜେନ୍ସି): ଦୁଇରୁ ଅଧିକ ସନ୍ତାନ ଥିଲେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଉଥିବା ଆଇନଗୁଡ଼ିକ ଏବେ ପ୍ରାସଙ୍ଗିକତା ହରାଇଛି। ଭାରତରେ ଜନ୍ମହାର ହ୍ରାସ ପାଇବା ସହ ଜନସଂଖ୍ୟାର ଗଠନରେ ପରିବର୍ତ୍ତନ ଆସିଥିବାରୁ ଏଭଳି ଆଇନର ମୂଳ ଉଦ୍ଦେଶ୍ୟ ଆଉ ଯଥାର୍ଥ ହୋଇ ରହିନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏଥିସହ ଏହି କଟକଣାକୁ ବୈଧ ବୋଲି ଦର୍ଶାଇଥିବା ୨୦୦୩ର ଏକ ରାୟର ପୁନର୍ବିଚାର ପାଇଁ ଅଦାଲତ ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି।

ବିଚାରପତି ପି.ଏସ୍. ନରସିଂହ ଓ ଅଲୋକ ଆରାଧେଙ୍କ ଖଣ୍ଡପୀଠ ମହାରାଷ୍ଟ୍ରର କାକୋଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଲା ଭୀମରାଓ ଇଙ୍ଗଲେଙ୍କ ଆବେଦନର ଶୁଣାଣି କରି ଏହି ମତ ଦେଇଛନ୍ତି। ତୃତୀୟ ସନ୍ତାନ ଜନ୍ମ ହେବା ପରେ ମହାରାଷ୍ଟ୍ର ଗ୍ରାମ ପଞ୍ଚାୟତ ଆଇନ, ୧୯୫୯ର ଧାରା ୧୪(୧)(ଜେ-୧) ଅନୁଯାୟୀ ତାଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ଆଇନରେ ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ପଞ୍ଚାୟତ ସଦସ୍ୟ କିମ୍ବା ସରପଞ୍ଚ ହେବା ଉପରେ କଟକଣା ରହିଛି। ୨୦୦୦ ସେପ୍ଟେମ୍ବର ୧୩ରୁ ଏହି ବ୍ୟବସ୍ଥା ଲାଗୁ ହୋଇଥିଲା।

ଅଦାଲତ କହିଛନ୍ତି, ୨୦୦୩ରେ 'ଜାଭେଦ୍ ବନାମ ହରିୟାଣା ରାଜ୍ୟ' ମାମଲାରେ ସୁପ୍ରିମ୍‌କୋର୍ଟ ଦୁଇ ସନ୍ତାନ ନୀତିକୁ ବୈଧ ଘୋଷଣା କରିଥିବା ସମୟରେ ଭାରତର ମୋଟ ପ୍ରଜନନ ହାର ୩ ଥିଲା। ବର୍ତ୍ତମାନ ହ୍ରାସ ପାଇ ୧.୯ରେ ପହଞ୍ଚିଛି। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ୨.୧ ହାରଠାରୁ ଏହା କମ୍। ଏହାର ପରିଣାମରେ ଭବିଷ୍ୟତରେ ବୟସ୍କ ଜନସଂଖ୍ୟା ବଢ଼ିବା ସହ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ଅନୁପାତ ହ୍ରାସ ପାଇବାର ଆଶଙ୍କା ରହିଛି। ବିଚାରପତି ନରସିଂହ କହିଥିଲେ, ଅତ୍ୟଧିକ ଜନସଂଖ୍ୟାର ଭୟ ଉପରେ ଆଧାରିତ ଏହି ଆଇନଗୁଡ଼ିକର ଭିତ୍ତି ଜନସାଂଖ୍ୟିକ ପରିବର୍ତ୍ତନ ଯୋଗୁଁ ଦୁର୍ବଳ ହୋଇପଡ଼ିଛି। ଏଭଳି କଟକଣା ଯୋଗୁଁ ଏକ ବର୍ଗର ନାଗରିକ ନିର୍ବାଚନ ଲଢ଼ିବା ଓ ରାଜନୈତିକ ପ୍ରତିନିଧିତ୍ୱ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ପ୍ରଜନନ ସ୍ୱାଧୀନତା ଅଧିକାରକୁ ମଧ୍ୟ ପ୍ରଭାବିତ କରୁଛି।

ଉଲ୍ଲେଖଯୋଗ୍ୟ, ୨୦୦୩ର 'ଜାଭେଦ୍' ମାମଲାରେ ହରିୟାଣା ପଞ୍ଚାୟତିରାଜ ଆଇନର ଦୁଇ ସନ୍ତାନ କଟକଣାକୁ ସୁପ୍ରିମ୍‌କୋର୍ଟ ବୈଧ ଦର୍ଶାଇଥିଲେ। ଏବେ ଏହାର ପୁନର୍ବିଚାର ହେବ। ଆଡ୍‌ଭୋକେଟ୍ ରୁକ୍ମିଣୀ ବୋବ୍‌ଡେ ଓ ଆବେଦନକାରୀଙ୍କ ଓକିଲ ପ୍ରତୀକ ବୋସ୍ୱାର୍ଡେଙ୍କଠାରୁ ବିଭିନ୍ନ ରାଜ୍ୟର ଏଭଳି ଆଇନ ସମ୍ପର୍କରେ ତଥ୍ୟ ନିଆଯାଇଥିଲା। ସାତଟି ରାଜ୍ୟ ଏହି କଟକଣା ଉଠାଇଥିବା ବେଳେ ୧୫ଟି ରାଜ୍ୟରେ ଏଭଳି ନିୟମ ନାହିଁ। ତେବେ ଆସାମ, ଗୋଆ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ ଉତ୍ତରାଖଣ୍ଡ ସମେତ କେତେକ ରାଜ୍ୟରେ ଏହି ବ୍ୟବସ୍ଥା ଏବେ ବି ରହିଛି।

୨୫,୪୭୩ କୋଟିର ୪ଟି ପ୍ରସ୍ତାବରେ ମୋହର

ନୂଆଦିଲ୍ଲୀ, ୪।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ୨୫,୪୭୩ କୋଟି ଟଙ୍କାର ୪ଟି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ୨୮୧୪ କୋଟି ଟଙ୍କା ଅଟକଳର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପ୍ରକ୍ରିୟାକରଣର ପ୍ରସାର ପାଇଁ ପୁଞ୍ଜି ସହାୟତା ଯୋଜନା ମଞ୍ଜୁର ହୋଇଛି। ସେହିପରି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଯୋଜନାରେ ମଧ୍ୟ ମୋହର ଲାଗିଛି। ଏଥିପାଇଁ ୩୭୮୮ କୋଟି ଟଙ୍କା ବ୍ୟୟ ହେବ। ଗ୍ରିଡ୍ ସ୍ତରର ଶକ୍ତି ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି। ଏଥିପାଇଁ ୧୪,୫୦୦ କୋଟି ଟଙ୍କାର ଅଟକଳ ରହିଛି।

ପରିସଂଖ୍ୟାନ ରୂପାନ୍ତରଣ, ଆନାଲିଟିକ୍ସ ଓ ଗବେଷଣା ପାଇଁ ବିକଶିତ ଭାରତ ଅଭିଯାନ ନିମନ୍ତେ ୪,୩୭୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଦୁଇଟି ଲିଥିୟମ୍ କାରଖାନା ପାଇଁ ୧୦୦୦ କୋଟି ଟଙ୍କା ଓ ଦୁଇଟି ନିକେଲ କାରଖାନା ପାଇଁ ୧୮୦୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ପ୍ରକଳ୍ପର ତିନିଟି ସ୍ତରରେ ଏହି ରାଶି ଜାରି କରାଯିବ।

ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରକ୍ରିୟାକରଣରେ ୧୦ହଜାର କୋଟି ଟଙ୍କା ନିବେଶ ହେବା ଆଶା କରାଯାଉଛି। ସେହିପରି, ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ସରକାରୀ ଓକିଲ ଓ ଆବଶ୍ୟକ ଷ୍ଟାଫ୍ ଯୋଗାଇ ଦିଆଯିବ। ଗ୍ରିଡ୍ ସ୍ତରୀୟ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ପାଇଁ ମଞ୍ଜୁର ହୋଇଥିବା ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ କରାଯିବ। ଏହା ଜରିଆରେ ୯୭,୬୦୦ କୋଟି ଟଙ୍କାର ନିବେଶ ଆସିବା ଆଶା କରାଯାଉଛି। ଏହି ଯୋଜନା ଅଧୀନରେ ୬୦ ଗିଗାୱାଟ୍‌ର ପମ୍ପ୍ଡ ଷ୍ଟୋରେଜ୍ କାରଖାନା ଓ ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି।

୩ ଦିନରେ ୩ କୋଟି ସ୍ୱାହା

ନୂଆଦିଲ୍ଲୀ, ୪।୧୧ (ଏଜେନ୍ସି): ବିଲ୍ ଗେଟ୍‌ସଙ୍କ ଝିଅ ମାତ୍ର ୩ ଦିନରେ ଉଡ଼ାଇଦେଲେ କୋଟି କୋଟି ଟଙ୍କା। ଝିଅଙ୍କ ଏଭଳି ଅଯଥା ଖର୍ଚ୍ଚ ଦେଖି ବିଲ୍ ଗେଟ୍ସ କହିଲେ, ଆଉ ଏମିତି ଟଙ୍କା ଉଡ଼ାଇଲେ ବନ୍ଦ କରିଦେବି ତୋର ଖର୍ଚ୍ଚ। ଦୁନିଆର ଧନୀ ବ୍ୟକ୍ତିଙ୍କ ମଧ୍ୟରେ ଗଣା ହୁଅନ୍ତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ। ତାଙ୍କ ସମ୍ପତ୍ତି ହଜାର ହଜାର କୋଟି ଟଙ୍କା। ହେଲେ ଧନୀ ହେଲେ ବି ଟଙ୍କା ଖର୍ଚ୍ଚ କରିବା ବେଳେ ବେଶ୍ ହିସାବୀ ବିଲ୍ ଗେଟ୍ସ। କିନ୍ତୁ ତାଙ୍କ ସାନ ଝିଅ ଫୋଏବି ଗେଟ୍ସଙ୍କ କ୍ଷେତ୍ରରେ ଚିତ୍ର କିଛି ଅଲଗା।

ବାପାଙ୍କ ଟଙ୍କା ଖର୍ଚ୍ଚ କରିବାରେ ତାଙ୍କର ହାତ ଖୁବ୍ ଖୋଲା। ଏକ ପଡକାଷ୍ଟରେ ନିଜେ ବିଲ୍ ଗେଟ୍ସ ଝିଅଙ୍କ ଏହି ଖର୍ଚ୍ଚ ଅଭ୍ୟାସ ବିଷୟରେ କହିଛନ୍ତି। ତାଙ୍କ କହିବା ଅନୁସାରେ, ଫୋଏବିଙ୍କୁ ପ୍ରତି ସପ୍ତାହରେ ୩ ଲକ୍ଷ ୫୦ ହଜାର ଡଲାର ଦିଅନ୍ତି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୩ କୋଟି ଟଙ୍କା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏତେ ଟଙ୍କା ମିଳିବାର ମାତ୍ର ତିନି ଦିନ ପରେ ପୁଣି ସମାନ ପରିମାଣର ଟଙ୍କା ମାଗିଥାନ୍ତି ଝିଅ। ଏତେ କମ୍ ସମୟ ମଧ୍ୟରେ କୋଟି କୋଟି ଟଙ୍କା କୁଆଡ଼େ ଯାଉଛି, ତାହା ଜାଣିବାକୁ ଚାହିଁଥିଲେ ବିଲ୍ ଗେଟ୍ସ। ହେଲେ ଝିଅଙ୍କ ଖର୍ଚ୍ଚର ସଠିକ୍ ହିସାବ ମିଳୁନଥିବାରୁ ବଢ଼ିଥିଲା ତାଙ୍କ ଚିନ୍ତା। ଏପରିକି ଟଙ୍କା କେଉଁଠି ଖର୍ଚ୍ଚ ହେଉଛି, ସେନେଇ ଫୋଏବି ସବୁବେଳେ ସତ କହୁନଥିବା କଥା ମଧ୍ୟ ସେ ପ୍ରକାଶ କରିଛନ୍ତି। ଝିଅଙ୍କ ଏଭଳି ଅଭ୍ୟାସ ଦେଖି ଶେଷରେ କଡ଼ା ଚେତାବନୀ ଦେଇଛନ୍ତି ବିଲ୍ ଗେଟ୍ସ। ଯଦି ଦାୟିତ୍ୱର ସହ ଟଙ୍କା ଖର୍ଚ୍ଚ କରିବା ଶିଖିବ ନାହିଁ, ତେବେ ଆଉ ଟଙ୍କା ଦେବେ ନାହିଁ ବୋଲି ସଫା ସଫା ଶୁଣାଇଦେଇଛନ୍ତି। ବିଲ୍ ଗେଟ୍ସଙ୍କ ମତରେ, ଟଙ୍କା ରୋଜଗାର କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାକୁ ସଠିକ୍ ଭାବେ ଖର୍ଚ୍ଚ କରିବା ମଧ୍ୟ ସେତିକି ଜରୁରୀ। କାରଣ ଅର୍ଥର ମୂଲ୍ୟ ନବୁଝିଲେ ଯେତେ ଧନ ଥିଲେ ବି ତାହା ଦିନେ ଶେଷ ହୋଇପାରେ। ତେବେ ବିଶ୍ୱର ଜଣେ ଧନୀ ବାପାଙ୍କ ଏହି ଚେତାବନୀ ପରେ ଝିଅଙ୍କ ଖର୍ଚ୍ଚରେ କେତେ ବ୍ରେକ୍ ଲାଗୁଛି, ତାହା ଦେଖିବାକୁ ବାକି ରହିଲା।

ଆୟୁଷ୍ମାନ ଏବଂ ତୁଷାର କପୁରଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ବେଙ୍ଗାଲୁରୁ, ୪।୧୧ (ଏଜେନ୍ସି): ବଲିଉଡ ଅଭିନେତା ତୁଷାର କପୁର ଏବଂ ଆୟୁଷ୍ମାନ ଖୁରାନାଙ୍କୁ ଅଡିଓ ମେସେଜ କରି ଧମକ ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିଛି । କ୍ରାଇମବ୍ରାଞ୍ଚ ଏହି ମାମଲାରେ ବେଙ୍ଗାଲୁରୁରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଆଇଟି ପ୍ରଫେସନାଲ ବୈଭବ ମିଶ୍ରା ତୁଷାର ଏବଂ ଆୟୁଷ୍ମାନଙ୍କୁ ଧମକ ଦେଇଥିବା ଜଣାପଡିଛି । ୩୦ ବର୍ଷୀୟ ବୈଭବ ମିଶ୍ରାଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇ ମୁମ୍ବାଇ ଅଣାଯାଇଛି ।

ବେଙ୍ଗାଲୁରୁର ବୈଭବ ମିଶ୍ରାଙ୍କୁ ଗିରଫ କରିଥିଲା।

ତୁଷାରଙ୍କ ପରେ ଆଜି ଆୟୁଷ୍ମାନ ଖୁରାନାଙ୍କୁ ଧମକ ମିଳିଥିଲା । ଆୟୁଷ୍ମାନଙ୍କୁ ମଧ୍ୟ ବିଷ୍ଣୋଇ ଗ୍ୟାଙ୍ଗ ନାମରେ ଧମକ ମିଳିବା ସହିତ ଟଙ୍କା ମଗାଯାଇଥିଲା । ଆୟୁଷ୍ମାନ ଖୁରାନାଙ୍କୁ ମିଳିଥିବା ଅଡିଓ ମେସେଜରେ ଜଣେ ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହ ଜଡ଼ିତ ବୋଲି କହିବା ସହ କୋଟି କୋଟି ଟଙ୍କା ଦାବି କରିଥିଲା । ପୋଲିସ ଏହି ମାମଲାରେ ଯାଞ୍ଚ କରି ସଫଳତା ପାଇଛି । ଅଭିଯୁକ୍ତ ବୈଭବଙ୍କୁ ବେଙ୍ଗାଲୁରୁର ଗିରଫ କରାଯାଇଛି । ପୋଲିସ ଏହି ମାମଲାର ଯାଞ୍ଚ କରୁଛି । ମୁମ୍ବାଇ ଆଣି ବୈଭବଙ୍କୁ ପଚରାଉଚରା ପରେ ସତ ଜଣାପଡିବ ବୋଲି ଜଣାପଡିଛି ।

ଆମେରିକାବାସୀ ଯୁଦ୍ଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି: ଇରାନ ବାଚସ୍ପତି

ତେହେରାନ, ୪।୧୧ (ଏଜେନ୍ସି): ଆମେରିକା ମଧ୍ୟବର୍ତ୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ବିପର୍ଯ୍ୟୟ ପରେ ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ବଡ଼ ବକ୍ତବ୍ୟ ଦେଇଛନ୍ତି। ଆମେରିକାବାସୀ ନିର୍ବାଚନ ମାଧ୍ୟମରେ ଯୁଦ୍ଧକୁ ପ୍ରତ୍ୟାଖ୍ୟାନ କରିଥିବା ନେଇ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଏବଂ ଇରାନ ଏହି ଜନମତକୁ ସମର୍ଥନ କରୁଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି।

ଏହାସହିତ ସେ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ସରକାର ନିଜ ଦେଶର ଜନମତ ପ୍ରତି ବିଶ୍ୱାସଘାତକତା କରି ଯଦି ଇରାନ ଉପରେ ପୁନଃ ଆକ୍ରମଣ କରେ ତେବେ ଏହା ଆମେରିକା ପାଇଁ ଏକ ଭୟାନକ ପରିଣାମ ସାବ୍ୟସ୍ତ ହେବ। ରିପବ୍ଲିକାନଙ୍କ ପରାଜୟ ପଛରେ ଇରାନ ଯୁଦ୍ଧ ଏବଂ ଇନ୍ଧନ ଦର ବୃଦ୍ଧି ଅନ୍ୟତମ କାରଣ ଥିଲା ବୋଲି ଟ୍ରମ୍ପ ପୂର୍ବରୁ ସ୍ୱୀକାର କରିସାରିଛନ୍ତି। କରାଯାଇପାରିବ।

ଲଦାଖରେ ୬୦୦ ଫୁଟ୍ ଖାଇକୁ ଖସିଲା ସେନା ଗାଡ଼ି, ୨ ଯବାନ ମୃତ

ଶ୍ରୀନଗର, ୪।୧୧ (ଏଜେନ୍ସି): ଲଦାଖର କାର୍ଗିଲ୍‌ରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୨ ଜଣ ସେନା ଯବାନଙ୍କ ମୃତ୍ୟୁ ହୋଇଛି। ଆଜି ଅପରାହ୍ଣ ପ୍ରାୟ ୧ଟା ୩୦ରେ କାର୍ଗିଲ୍-ଲେହ ଜାତୀୟ ରାଜପଥର ନମିକା ଲା ପାସ୍ ନିକଟରେ ସେନାର ଏକ ଗାଡ଼ି ନିୟନ୍ତ୍ରଣ ହରାଇ ପ୍ରାୟ ୬୦୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିଥିଲା।

ଅଧିକାରୀଙ୍କ ସୂଚନା ଅନୁସାରେ, ଦୁର୍ଘଟଣା ସମୟରେ ଗାଡ଼ିରେ କେବଳ ଦୁଇ ଜଣ ଯବାନ ଥିଲେ। ଗାଡ଼ିଟି ଖାଇକୁ ଖସିପଡ଼ିବା ଯୋଗୁଁ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଖାଇ ଭିତରୁ ଦୁଇ ଯବାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ହସ୍ପିଟାଲ୍‌କୁ ପଠାଯାଇଛି।

ଶ୍ରୀନଗରରେ ଅଗ୍ନିକାଣ୍ଡର ବିଭୀଷିକା, ୨ ମୃତ

ଜମ୍ମୁ କାଶ୍ମୀର, ୪।୧୧ (ଏଜେନ୍ସି): ଜମ୍ମୁ-କାଶ୍ମୀରର ଶ୍ରୀନଗରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ୮୦ଟି ଅସ୍ଥାୟୀ କୁଡ଼ିଆ ପୋଡିଯାଇଛି। ମୃତକ ଦୁଇ ଜଣ ସ୍କ୍ରାପ୍ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ଗତକାଲି ମଧ୍ୟ ରାତିରେ ଶ୍ରୀନଗରର ବେମିନା ଅଞ୍ଚଳର ଦୁର୍ବଲରେ ଏହି ଅଘଟଣ ଘଟିଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟା ୨୩ ମିନିଟ୍‌ରେ ହଠାତ୍ ଏକ କୁଡ଼ିଆରେ ନିଆଁ ଲାଗିଥିଲା । କାଠ ଓ ତାରପାଲିନ୍‌ରେ ତିଆରି କୁଡ଼ିଆ ଥିବାରୁ ନିଆଁ ଖୁବ୍ କମ୍ ସମୟ ମଧ୍ୟରେ ସମଗ୍ର ଅଞ୍ଚଳକୁ ବ୍ୟାପି ଯାଇଥିଲା । ଫଳରେ ପ୍ରାୟ ୮୦ଟି ଅସ୍ଥାୟୀ କୁଡ଼ିଆ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡ ଯୋଗୁଁ ନିକଟରେ ଥିବା ଏକ କୁକୁଡ଼ା ଫାର୍ମ ମଧ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଖବର ପାଇବା ମାତ୍ରେ ଓ ରାଓ୍ୱଲପୋରା ଅଗ୍ନିଶମ କେନ୍ଦ୍ରର ଟିମ୍ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ। ଦୀର୍ଘ ସମୟର ଉଦ୍ୟମ ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲିଭିବା ପରେ ଭସ୍ମାବଶେଷ ତଳୁ ଦୁଇ ଜଣଙ୍କ ଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତକଙ୍କ ମଧ୍